# ୪୨ ଡିଗ୍ରୀରେ ସିଝୁଛି ଧରାକୋଟ ଅଞ୍ଚଳ

ଧରାକୋଟ,୨୭ ।୪(ସମିସ): ରାଜ୍ୟର ବିଭିନ୍ନ ସ୍ଥାନରେ ଚଳିତ ବର୍ଷ ତାପମାତ୍ରା ୪୦ ଡିଗ୍ରୀ ଛୁଇଁଛି। ଆଜି ସେଥିରେ ସାମିଲ ହୋଇଛି ଗଞ୍ଜାମ ଜିଲ୍ଲାର ଧରାକୋଟ ଅଞ୍ଚଳ। ଆଜି ସକାଳୁ ଖରାର ପ୍ରକୋପ ବୃଦ୍ଧି ଘଟି ମଧ୍ୟାହ୍ନ ସମୟରେ ଏହା ୪୨ ଡିଗ୍ରୀରେ



ପହଞ୍ଚିଥିବା ରେକର୍ଡ କରାଯାଇଛି। ଦିନ ୧୧ଟା ପରେ ତାପ ବଢ଼ିବାରୁ ବଜାର ରାସ୍ତା ଘାଟ ଅପରାହ୍ନ ଗୋଟାଏ ବେଳକୁ ସମ୍ପୂର୍ଣ୍ଣ ଶୁନଶାନ ହୋଇଯାଇଥିଲା। ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ନିଜର କାମ ପାଇଁ ଆସିଥିବା ଲୋକେ ଗୁଳୁଗୁଳିରେ ଏକରକମ ଅଣନିଶ୍ୱାସୀ ହୋଇ ଯାଇଥିଲେ। ଖରାର ତାତି ବଢୁଥିବାରୁ ପିଇବା ପାଣି ପାଇଁ ପଶୁପକ୍ଷୀ ବେଶ ପ୍ରଭାବିତ ହେଉଥିବା ଦେଖିବାକୁ ମିଳିଛି। ସର୍ବୋପରି ପଞ୍ଚାୟତ ଗୁଡ଼ିକ ପକ୍ଷରୁ ଛକ ସ୍ଥାନ ମାନଙ୍କରେ ଏ ପର୍ଯ୍ୟନ୍ତ ଜଳଛତ୍ର ଖୋଲାଯାଇ ନଥିବା ଯୋଗୁଁ ଲୋକେ ପାଣି ପିଇବା ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଆଶ୍ଚର୍ଯ୍ୟର କଥା ଏପ୍ରିଲ ମାସ ଶେଷ ହେବାକୁ ବସିଥିବା ବେଳେ କାହିଁକି ଜଳଛତ୍ର ଖୋଲାଯାଇନାହିଁ ତାହା ଲୋକଙ୍କୁ ବିସ୍ମିତ କରିଛି। ଅନ୍ୟ ପକ୍ଷରେ ଯୁଦ୍ଧର ପ୍ରଭାବ ଯୋଗୁଁ ଲୋକେ ଗ୍ୟାସ ମିଳିବାରେ ବିଳମ୍ବ ହେଉଥିବାରୁ ପୁଣିଥରେ ଜଙ୍ଗଲର ଜାଳେଣି କାଠ ସଂଗ୍ରହ ପାଇଁ ଉଦ୍ୟମ ଆରମ୍ଭ କଲେଣି। ଏଣୁ ଆଗାମୀ ଦିନରେ ବୃକ୍ଷରୋପଣ ସହ ଜଳ ସଂରକ୍ଷଣ ବ୍ୟବସ୍ଥା ସରକାରଙ୍କ ପକ୍ଷରୁ କରାନଗଲେ ପରିସ୍ଥିତି ବିଗିଡ଼ି ଯିବାର ସମ୍ଭାବନା ରହିଛି।

# ଇଟା ଭାଟି ଧୂଆଁରେ କଳବଳ ଖଲ୍ଲିକୋଟ

ଖଲ୍ଲିକୋଟ,୨୭ ।୪(ସମିସ):

ଖଲ୍ଲିକୋଟ ଅଞ୍ଚଳରେ ଯୁଆଡେ ଦେଖିବ ମାଳ ମାଳ ବେଆଇନ ପୋଡା ଇଟା ଭାଟି। ଏହି ବେଆଇନ ପୋଡା ଇଟା ଭାଟିର ଧୂଆଁରେ କଳବଳ ହେଉଛି ସମଗ୍ର ଖଲ୍ଲିକୋଟ ଅଞ୍ଚଳ। ଖଲ୍ଲିକୋଟରେ ବର୍ତ୍ତମାନ ଦିନ ତାପମାତ୍ରା ୩୩ରୁ ୩୬ ଡିଗ୍ରୀ ରହୁଥିବାବେଳେ ଏହି ବେଆଇନ ପୋଡା ଇଟା ଭାଟିର କୋଇଲା ଧୂଆଁରେ ଅଣନିଶ୍ୱାସୀ ହେଉଛନ୍ତି ଜନସାଧାରଣ। ଆଉ ଏହାରି ପ୍ରଭାବରେ ନଷ୍ଟ ହେଉଛି ହଜାର ହଜାର ଏକର କାଜୁ ଚାଷ। ଖଲ୍ଲିକୋଟ ଅଞ୍ଚଳରେ ଦୀର୍ଘ ବର୍ଷ ଧରି ଚାଲିଛି ପୋଡା ଇଟା ଭାଟି। କିନ୍ତୁ ପ୍ରଶାସନ ଏଠି ସବୁ ଜାଣି ସାଜିଛି ନିରବଦ୍ରଷ୍ଟା। ଏହା ଚଳିତ ବର୍ଷର ଘଟଣା ନୁହଁ, ଦୀର୍ଘ ବର୍ଷ



ହେଲା ଇଟା ଭାଟି ଯୋଗୁଁ କ୍ଷତି ସହୁଛନ୍ତି କାଜୁ ଚାଷୀ। ଶ୍ରୀକୃଷ୍ଣଶରଣପୁର ପଞ୍ଚାୟତ ଗୁରୁଣ୍ଡି ଗ୍ରାମର କେତେକ ଚାଷୀ ତାଙ୍କ କାଜୁ ଚାଷ ନିକଟରେ ଇଟା ଭାଟି ହେଉଥିବାରୁ କାଜୁ ଗଛରେ ଆସିଥିବା ଫୁଲ ଫଳ ଧରିବା ପୂର୍ବରୁ ଶୁଖି ମଉଳି ଯାଉଛି ବୋଲି ଅଭିଯୋଗ କରିଛନ୍ତି। ଧୂଆଁ ବାଜି ଫୁଲ ମଉଳି ଯାଉଥିବାରୁ କାଜୁ ଚାଷରୁ କିଛି ଆଦାୟ ହୋଇ ପାରୁନି ବୋଲି ସେମାନେ କହିଛନ୍ତି। ଖଲ୍ଲିକୋଟ ବ୍ଲକର କେବଳ ଗୁରୁଣ୍ଡି ଗ୍ରାମ ନୁହେଁ ବରଂ କେଶପୁର,

## ପ୍ରଭାବିତ ହେଉଛି କାଜୁ ଫସଲ

ମାଣିକ୍ୟପୁର, କୈରାସି, ମଥୁରା ବାକୁଟୁ ଗାଁ ,ଲଙ୍ଗଳେଶ୍ୱର ଭଳି ଅନେକ ପଞ୍ଚାୟତରେ ପୋଡା ଇଟା ଭାଟି ବ୍ୟାପକ ମାତ୍ରାରେ ହେଉଥିବାରୁ କାଜୁ ଫସଲ ସହ ଅନ୍ୟାନ୍ୟ ଫସଲ ନଷ୍ଟ ହେବାରେ ଲାଗିଛି।

ଏନେଇ ଖଲ୍ଲିକୋଟ ତହସିଲଦାର ଡି. ମାଲେଶ୍ୱର ପାତ୍ରଙ୍କୁ ପଚାରିବାରୁ ସେ ଖୁବଶୀଘ୍ର ପଦକ୍ଷେପ ନିଆଯାଇ ବେଆଇନ ପୋଡା ଇଟା ଭାଟି ଗୁଡିକୁ ଭଙ୍ଗା ଯିବ ବୋଲି କହିଛନ୍ତି। ଅନ୍ୟପଟେ ଏହି ବେଆଇନ ପୋଡା ଇଟା ଭାଟି ଗୁଡିକରେ ବାହାରୁ ଶ୍ରମିକ ଆଣି କାମରେ ଲଗାଉଛନ୍ତି ଏବଂ ସେମାନଙ୍କୁ ଉପଯୁକ୍ତ ପାରିଶ୍ରମିକ ଦେଉ ନଥିବା ଅଭିଯୋଗ ହେଉଛି। ପାରିଶ୍ରମିକ ମାଗିଲେ ସେମାନଙ୍କୁ ନାନା ପ୍ରକାର ନିର୍ଯାତନା ଦିଆ ଯାଉଥିବା ମଧ୍ୟ ଅଭିଯୋଗ ହେଉଛି।

ଗତ କିଛି ମାସ ତଳେ ଏଭଳି ଅଭିଯୋଗ ପାଇ ଜିଲ୍ଲା ସହକାରୀ ଶ୍ରମ ଅଧିକାରୀ, ଖଲ୍ଲିକୋଟ ତହସିଲଦାର ଓ ଖଲ୍ଲିକୋଟ ଥାନା ଆଇଆଇସି ମାଣିକପୁର ଗ୍ରାମରେ ଥିବା ଏକ ଇଟା ଭାଟି ଉପରେ ଚଢ଼ଉ କରି ସେଠାରୁ ବରଗଡ଼ ଜିଲ୍ଲାର ୭ ଜଣ ଶ୍ରମିକଙ୍କୁ ଉଦ୍ଧାର କରିଥିଲେ। ତେଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ସିଂହଦ୍ୱାର ବିଗ୍ରହ ପ୍ରତିଷ୍ଠା ଉତ୍ସବ

କବିସୂର୍ଯ୍ୟନଗର,୨୭ ।୪(ସମିସ): କବିସୂର୍ଯ୍ୟନଗର ନାରାୟଣପୁର ଶାସନ ଠାରେ ବିଜେ କରିଥିବା ଶ୍ରୀନିଳକଣ୍ଠେଶ୍ୱର ମହାପ୍ରଭୁଙ୍କ ମନ୍ଦିର ସମ୍ମୁଖରେ ନବନିର୍ମିତ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଏକଦିନ ବ୍ୟାପି ଅନୁଷ୍ଠିତ ହୋଇଛି। ବିଜ୍ଞ ପଣ୍ଡିତଙ୍କ ଦ୍ୱାରା ସିଂହଦ୍ୱାର ବିଗ୍ରହ ପ୍ରତିଷ୍ଠା ଉତ୍ସବରେ ବହୁ ମାନ୍ୟଗଣ ବ୍ୟକ୍ତିଙ୍କ ସମେତ ଭକ୍ତ ଯୋଗ ଦେଇଥିଲେ। ଅଧିବାସ, ଅଙ୍କୁରୋପଣ, ସୂର୍ଯ୍ୟପୂଜା, ଘୃତଯଜ୍ଞ ଆଦି ସମାପନ କରାଯାଇଛି। କାର୍ଯ୍ୟକ୍ରମରେ ଭାଗିରଥି ଶତପଥୀ, ସହଧର୍ମିଣୀ ସୁପ୍ରଭା ଶତପଥୀ ଓ ପରିବାର ସମେତ ସମାଜସେବୀ ମାହେଶ୍ୱରୀ ଦୋରା, ଶ୍ୱେତ ଦୋରା, ଇଂ.ଦିଲୀପ କୁମାର ଖଣ୍ଡୁଆଳ, କୃପାସିନ୍ଧୁ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ନାରାୟଣପୁରବାସି ସହଯୋଗ କରିଥିଲେ।

# ଧର୍ମ ପରାୟଣଙ୍କ ପରଲୋକ

ପୁରୁଷୋତ୍ତମପୁର,୨୭ ।୪(ସମିସ): ପୁରୁଷୋତ୍ତମପୁର ବ୍ଲକ ପାଣ୍ଡରଖଲି ଗାଁର ବୟସ୍କ ବ୍ୟକ୍ତି ଭାଗିରଥୀ ସାହୁ(୯୬)ଙ୍କ ଶୁକ୍ରବାର ପରଲୋକ ହୋଇଛି। ସେ ଜଣେ ପରୋପକାରୀ,ଧର୍ମ ପରାୟଣ ବ୍ୟକ୍ତି ଥିଲେ।

ମୃତ୍ୟୁ ଶଯ୍ୟା ନିକଟରେ ପତ୍ନୀ ସୂଜନ ସାହୁ, ତିନି ପୁଅ ଓ ବୋହୂ, ଝିଅ, ଜ୍ୱାଇଁ ଏବଂ ନାତି ନାତୁଣୀ ସହ ଗ୍ରାମବାସୀ ଉପସ୍ଥିତ ଥିଲେ। ଗ୍ରାମର ତ୍ରମ୍ବେକେଶ୍ୱର ଶ୍ମଶାନ ଘାଟରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ଏହି ଅବସରରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ତାଙ୍କର ପରଲୋକରେ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି।

# ଗୋପାଳପୁର ଭାୟା ଦିଗପହଣ୍ଡି-ରାୟଗଡ଼ା ରେଳଲାଇନ୍ ଦାବି

ଦିଗପହଣ୍ଡି,୨୭ ।୪(ସମିସ): ଦକ୍ଷିଣ ଓଡ଼ିଶାର ବହୁ ପ୍ରତିକ୍ଷୀତ ଗୋପାଳପୁର-ରାୟଗଡ଼ା ନୂତନ ରେଳପଥ ପ୍ରକଳ୍ପ ନିମନ୍ତେ ନକ୍ସା ପ୍ରସ୍ତୁତି ଚାଲିଛି। ତୃତୀୟ ପାଳି ପାଇଁ କେନ୍ଦ୍ରରେ ବିଜେପି ନେତୃତ୍ୱାଧୀନ ସରକାର ଆସିବା ପରେ ଗଞ୍ଜାମ ଜିଲ୍ଲା ଚିକିଟି ନିକଟ ବାହୁଦା ନଦୀ ମୁହାଣରେ ପ୍ରସ୍ତାବିତ ବୃହତ୍ତ ବନ୍ଦର ନିର୍ମାଣ ନିମନ୍ତେ ରାଜ୍ୟସରକାରଙ୍କ ମଞ୍ଜୁରୀ ମିଳିଛି। ବାହୁଦା ବନ୍ଦର ସହ ଗୋପାଳପୁର ବନ୍ଦର ଏବଂ ଦକ୍ଷିଣ ଓଡ଼ିଶା, ଛତିଶଗଡ଼, ତେଲେଙ୍ଗାନାର ଖଣିଜ ସମୃଦ୍ଧ ଅଞ୍ଚଳରେ ନୂତନ ରେଳ ଲାଇନ୍ ନିର୍ମାଣ କରାଯିବା ପାଇଁ ଦକ୍ଷିଣ ଓଡ଼ିଶା ବିକାଶ ସମିତି ପକ୍ଷରୁ ଦାବି କରାଯାଇଛି। ଗତ ୨୦୧୦ରେ ଏହି ଆଲାଇନମେଣ୍ଟରେ ସର୍ଭେ କରାଯାଇ ଗୋପାଳପୁର ଠାରୁ ରାୟଗଡ଼ାର ଦୂରତା ୨୦୭ କିମି ଆକଳନ କରାଯାଇଥିଲା। ଏବେ ପୁଣି ଏହାକୁ ଦାୟିତ୍ୱରେ ଥିବା କେତେକ ଆନ୍ଧ୍ର ଅଧିକାରୀ ଓଡ଼ିଶା ପ୍ରତି ଅସହିନଷ୍ଣୁ ମନୋଭାବ ପ୍ରଦର୍ଶନ ପୂର୍ବକ ଏହି ପ୍ରସ୍ତାବିତ ରେଳ ଲାଇନର ଗତିପଥକୁ ବଙ୍କା ଟଙ୍କା କରି ୨୬୦ କିମି କରି ଦୂରତା ବଢାଇବା ଦ୍ୱାରା ସିଙ୍ଗାପୁରରୁ ମାଲବାହୀ ଟ୍ରେନ୍ ବାହୁଦା ବା ଗୋପାଳପୁର ବନ୍ଦର ପରିବର୍ତ୍ତେ ବିଶାଖାପାଟଣା ଯିବ। ଫଳରେ ଗଞ୍ଜାମ, ମୋହନା, ପଦ୍ମପୁର ଓ ଗୁଡାରି ଅଞ୍ଚଳରେ ନିଯୁକ୍ତିର ସମ୍ଭାବନା କମିଯିବ। ପୂର୍ବରୁ ପ୍ରସ୍ତୁତ କରାଯାଇଥିବା ଆଲାଇନମେଣ୍ଟକୁ କାର୍ଯ୍ୟକାରୀ କରି ଗୁଣପୁରରୁ ପଦ୍ମପୁରକୁ ମାତ୍ର ୨୦ କିମି ସଂଯୋଗ କରିଦେଲେ ଗୁଣପୁରରୁ ଥେରୁବାଲି ଯାଏଁ ଏହା ଆପେ ସଂଯୋଗ ହୋଇଯିବ। ଗୁଣପୁରରୁ ରାମନାଗୁଡା ଦେଇ ଥେରୁବାଲି ୭୮କିମିର ଆବଶ୍ୟକ ପଡିବ ନାହିଁ। ପ୍ରସ୍ତାବିତ ଗୋପାଳପୁର-ରାୟଗଡ଼ା ରେଳ ଲାଇନ ପ୍ରତିଯୋଗିତାମୂଳକ ଏବଂ ନିରବଛିନ୍ନ ମାଲ୍ ପରିବହନ ନିଶ୍ଚିତ କରିବାରେ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ପୂର୍ବତଟ ରେଳବାଇ କର୍ତ୍ତୃପକ୍ଷ ଗୋପାଳପୁର - ରାୟଗଡ଼ା ନୂତନ ରେଳପଥ ନିମନ୍ତେ




ଚୂଡ଼ାନ୍ତ ଆଲାଇନମେଣ୍ଟ ପାଇଁ ସର୍ଭେ କାର୍ଯ୍ୟ ଚଳାଇଛନ୍ତି। ଏହା ଦ୍ୱାରା ଏକ ସକାରାତ୍ମକ ବାତାବରଣ ସୃଷ୍ଟି ହୋଇଥିବା ବେଳେ ସର୍ଭେ କରାଯାଉଥିବା ରେଳ ଲାଇନ୍‌ଟି ଅଧିକ ଦୂରତା, ବଙ୍କା ଏବଂ ଏଥିରେ ଅନେକ ସୁଡ଼ଙ୍ଗ ସ୍ଥାନ ପାଇଛି। ଫଳରେ ପ୍ରକଳ୍ପର ବ୍ୟୟ ଅଟକଳ ଯଥେଷ୍ଟ ବୃଦ୍ଧି ପାଇବାର ଆଶଙ୍କା ରହିଛି। ତେଣୁ ରାଜ୍ୟ ସରକାର, ରେଳବାଇ କର୍ତ୍ତୃପକ୍ଷ ପ୍ରସ୍ତାବିତ ବାହୁଦା ବନ୍ଦରର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ରେଳଲାଇନ୍ ଆଲାଇନମେଣ୍ଟର ପୁନଃ ସର୍ଭେ ଓ ସମୀକ୍ଷା କରାଯିବାର ଆବଶ୍ୟକତା ରହିଛି। ବର୍ତ୍ତମାନ ଆଲାଇନମେଣ୍ଟ ସର୍ଭେ ଅନୁଯାୟୀ ରେଳ ଲାଇନ୍ ଦୁର୍ଗୀ ଦେଇ ଯାଉଥିବାରୁ ପ୍ରାୟ ୫୦ କିଲୋମିଟର ଅତିରିକ୍ତ ଦୂରତା ବୃଦ୍ଧି ପାଇବ। ଅଯଥା ଏହି ଦୂରତା ବୃଦ୍ଧି ଯୋଗୁଁ ବିଭାଗୀୟ ପରିଚାଳନା ଦକ୍ଷତା ଏବଂ ପ୍ରତିଯୋଗିତାମୂଳକତାକୁ ପ୍ରଭାବିତ କରିବ ବୋଲି ଜଣାପଡିଛି। ଗଜପତି ଜିଲ୍ଲା ଚାନ୍ଦିପୁଟ ନିକଟରେ ଆବଶ୍ୟକ ସୁଡ଼ଙ୍ଗକୁ ଏଡାଇବା ପାଇଁ ରେଳ ଲାଇନକୁ ଚାନ୍ଦିପୁଟ ନିକଟସ୍ଥ ପାର୍ବତ୍ୟ ଉପତ୍ୟକା ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ସହ ଦିଗପହଣ୍ଡି ସହରକୁ ସଂଯୋଗ କରାଯାଇପାରିବ। ଯାହାଫଳରେ ଏହି ଆଲାଇନମେଣ୍ଟରେ ପ୍ରସ୍ତାବିତ ସୁଡ଼ଙ୍ଗକୁ ଏଡାଇ ଦେବ ଏବଂ ରେଳ ଲାଇନ୍ ନିର୍ମାଣ ଖର୍ଚ୍ଚକୁ ଯଥେଷ୍ଟ ହ୍ରାସ କରିପାରିବ। ବ୍ରହ୍ମପୁର ରେଳ ଷ୍ଟେସନକୁ ବାଇପାସ୍ କରି ଏହି ରେଳ ଲାଇନ୍ ସିଧାସଳଖ ଚିକିଟି ନିକଟସ୍ଥ ପ୍ରସ୍ତାବିତ ବାହୁଦା ବନ୍ଦରକୁ ସଂଯୋଗ ହୋଇପାରିବ। ବ୍ରହ୍ମପୁର ରିଙ୍ଗ ରୋଡ୍ ଦେଇ ଲାଞ୍ଜିଆରୁ ହଳଦିଆପଦର ନିକଟରେ ଚେନ୍ନାଇ-ହାଓଡ଼ା ମୁଖ୍ୟ ରେଳ ଲାଇନରେ ମିଶିବା ପାଇଁ ଏକ ବ୍ୟବହାର୍ଯ୍ୟ ରୁଟ୍ ରହିଛି। ଫଳରେ ବ୍ରହ୍ମପୁର ରେଳ ଷ୍ଟେସନରେ ଭିଡ଼କୁ ରୋକାଯାଇ ବାହୁଦା ବନ୍ଦରକୁ ମାଲ୍ ପରିବହନ ସହଜ ହୋଇପାରିବ। ପ୍ରାରମ୍ଭିକ ସର୍ଭେରେ ଏହାକୁ ଅନ୍ତର୍ଭୁକ୍ତ କରାଯାଇଥିଲା। ବର୍ତ୍ତମାନ ଏହି ବିକଳ୍ପଗୁଡ଼ିକର ପୁନଃ ସମୀକ୍ଷା କରାଗଲେ ରାଷ୍ଟ୍ରୀୟ ସ୍ୱାର୍ଥ ସାଧିତ ହେବା ସହ ଓଡ଼ିଶାର ବନ୍ଦର ଭିତ୍ତିଭୂମିକୁ ସହାୟତା ମିଳିବ ଏବଂ ନୂତନ ରେଳ ଲାଇନ ଦ୍ୱାରା ଏହି ସବୁ ଅଞ୍ଚଳର ଅର୍ଥନୈତିକ ବିକାଶ ସାଙ୍ଗକୁ ବ୍ୟବସାୟିକ ସଫଳତା ବୃଦ୍ଧି ପାଇବ। ତେଣୁ ପୂର୍ବତଟ ରେଳ କର୍ତ୍ତୃପକ୍ଷଙ୍କ ଦ୍ୱାରା ଆଲାଇନମେଣ୍ଟର ପୁନଃ ସର୍ଭେ ପରୀକ୍ଷଣ କରାଯିବା ପାଇଁ ଦକ୍ଷିଣ ଓଡ଼ିଶା ବିକାଶ ସମିତି ସଭାପତି ତଥା ପୂର୍ବତନ କେନ୍ଦ୍ରୀୟ ପ୍ରଶାସନିକ ଅଧିକାରୀ ଡ଼. ବାଳକୃଷ୍ଣ ପଣ୍ଡା ଏବଂ ଦିଗପହଣ୍ଡି ଅଞ୍ଚଳବାସୀଙ୍କ ସମେତ ରାୟଗଡ଼ା ଜିଲ୍ଲା ପଦ୍ମପୁର ବ୍ଲକ ଜନସାଧାରଣ ପୂର୍ବତଟ ରେଳ ମୁଖ୍ୟ ପ୍ରବନ୍ଧକଙ୍କୁ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

# ଗୋ ସମ୍ମାନ ଦିବସ ଘୋଷଣା ଦାବି




ଆସିକା,୨୭ ।୪(ସମିସ): ସୋମବାର ଦିନ ଆସିକା ତହସିଲ ଅଧିନସ୍ଥ ଅଞ୍ଚଳର ଗୋ ସେବକ ମାନେ ବାଲୁଙ୍କେଶ୍ୱର ମନ୍ଦିରରୁ ଏକ ନାମ ସଂକୀର୍ତ୍ତନରେ ବାହାରି ଗୋ ମାତାର ସୁରକ୍ଷା ଦେବା, ଗୋ ମାତାକୁ ସମ୍ମାନ ଦେବା ଓ ଗୋ ମାତାର ସେବା କରିବା କୁନେଇ ସାଧାରଣ ଜନତାଙ୍କୁ ସଚେତନ କରିବା ସହ ଏକ ରାଲିରେ ବାହାରି ସ୍ଥାନୀୟ ତହସିଲଦାରଙ୍କ କାର୍ଯ୍ୟାଳୟରେ ପହଁଚି ରାଷ୍ଟ୍ରପତି, ଦେଶର ପ୍ରଧାନମନ୍ତ୍ରୀ, ରାଜ୍ୟ ର ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୦୪ ଗୋଟି ଦାବିପତ୍ର ତହସିଲଦାର ସଂଗୀତା ସେନଙ୍କୁ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାଧୁ ସନ୍ଥ, ଗୋ ସେବକ ଭକ୍ତ, ଆଇନଜୀବୀ, ସାମ୍ବାଦିକ ଯୋଗ ଦେଇଥିଲେ। ହରିହର ପାଢ଼ୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସାମ୍ବାଦିକ ଯୋଗେନ୍ଦ୍ର ନାଥ ପ୍ରଧାନ, ବିମ୍ବାଧର ପାତ୍ର, ପ୍ରଶାନ୍ତ କୁମାର ଦାସ, ବ୍ରଜବନ୍ଧୁ ଆଚାରୀ, ବୃନ୍ଦାବନ ବେହେରା, ଭେଙ୍କଟରମଣ ପାତ୍ର, କାଉନସିଲର ରାଘବ ସିଅ, ଶିବରାମ ମହାରଣା, ରାଧାକୃଷ୍ଣ ପାଣିଗ୍ରାହୀ, ପ୍ରମୋଦ କୁମାର ମହାନ୍ତି, ସୁରେଶ ବିଷୋୟୀ, ଅନିଲ ସ୍ୱାଇଁ, ମଳୟ ସ୍ୱାଇଁ, ରବୀନ୍ଦ୍ର ଆଚାରୀ, ଶ୍ରୀନିବାସ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ଅଧ୍ୟୟନ କେନ୍ଦ୍ର ବନ୍ଦ ପ୍ରୟାସକୁ ନିନ୍ଦା

ବ୍ରହ୍ମପୁର,୨୭ ।୪(ସମିସ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ପରିସରରେ ଦୀର୍ଘ ପ୍ରାୟ ୪୦ବର୍ଷ ଧରି ଚାଲିଆସୁଥିବା ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ଅଧ୍ୟୟନ କେନ୍ଦ୍ରକୁ ବନ୍ଦ କରିବା ପାଇଁ ଚାଲିଥିବା ପ୍ରକ୍ରିୟାକୁ ଏଆଇଡିଏସଓ ଗଞ୍ଜାମ ଜିଲ୍ଲା କମିଟି ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ପ୍ରତିବର୍ଷ ପ୍ରାୟ ୨୫୦୦ରୁ ୩୦୦୦ ଶିକ୍ଷାର୍ଥୀ କେନ୍ଦ୍ର ମାଧ୍ୟମରେ ଶିକ୍ଷାଗ୍ରହଣ କରୁଥିବାବେଳେ, ଏହାକୁ ବନ୍ଦ କରିବା ନିଷ୍ପତ୍ତି ହଜାର ହଜାର ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଅନିଶ୍ଚିତତା ମଧ୍ୟକୁ ଠେଲିଦେବ ବୋଲି କମିଟିର ସଭାପତି ନିମାଇଁ ଚରଣ ସାହୁ ଓ ସମ୍ପାଦକ ନାରାୟଣ ସାହୁ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି। ଉକ୍ତ ଅଧ୍ୟୟନ କେନ୍ଦ୍ରକୁ ବନ୍ଦ କରିବା ପ୍ରୟାସକୁ ତୁରନ୍ତ ବାତିଲ୍ କରିବା ସହ ଏଥିପାଇଁ ଆବଶ୍ୟକ ସ୍ଥାୟୀ ଭିତ୍ତିଭୂମି ଏବଂ ଶିକ୍ଷା ଓ ଅଣଶିକ୍ଷା କର୍ମଚାରୀଙ୍କୁ ସ୍ଥାୟୀ ଭିତ୍ତିରେ ନିଯୁକ୍ତ ଦେବା ନିମନ୍ତେ ସରକାରଙ୍କ ନିକଟରେ ଦୃଢ଼ ଦାବି କରାଯାଇଛି।

# ଲକ୍ଷ୍ମୀନୃସିଂହ ମନ୍ଦିର ପ୍ରତିଷ୍ଠା ଉତ୍ସବ

ରଙ୍ଗେଇଲୁଣ୍ଡା,୨୭ ।୪(ସମିସ): ଗଞ୍ଜାମ ଜିଲ୍ଲାର ରଙ୍ଗେଇଲୁଣ୍ଡା ବ୍ଲକ ଅଧୀନ ମାର୍କଣ୍ଡି ଗ୍ରାମରେ ଲକ୍ଷ୍ମୀନୃସିଂହ ମନ୍ଦିରର ବିଗ୍ରହ ପ୍ରତିଷ୍ଠା ଓ କାମିନୀ ମନ୍ଦିରର ପବିତ୍ର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହାକୁ ନେଇ ସମଗ୍ର ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ଏହି ପବିତ୍ର ବିଗ୍ରହ ପ୍ରତିଷ୍ଠା ଅବସରରେ ବୈଦିକ ମନ୍ତ୍ରୋଚ୍ଚାରଣ, ଯଜ୍ଞ-ହୋମ, ପୂଜାର୍ଚ୍ଚନା ଓ ନାମ ସଂକୀର୍ତ୍ତନ ଭଳି ବିଭିନ୍ନ ଧାର୍ମିକ କାର୍ଯ୍ୟସୂଚୀ ଆୟୋଜିତ ହେବ। ଦେଶର ବିଭିନ୍ନ ସ୍ଥାନରୁ ପଣ୍ଡିତ ଓ ପୁରୋହିତମାନେ ଏହି ଅନୁଷ୍ଠାନରେ ଯୋଗଦେଇଛନ୍ତି। ପ୍ରତିଷ୍ଠା ପୂର୍ବରୁ ମଙ୍ଗଳାଚରଣ, କଳଶ ଯାତ୍ରା ଓ ନଗର ପରିକ୍ରମା ଭଳି କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହେବ। ଏହି ବିଶାଳ ଧାର୍ମିକ ଉତ୍ସବକୁ ସଫଳ କରିବା ପାଇଁ ଗ୍ରାମର ସମସ୍ତ ବର୍ଗର ଲୋକମାନେ ଏକତ୍ରିତ ହୋଇ ସକ୍ରିୟ ଭାବେ ଲାଗିପଡ଼ିଛନ୍ତି। ମନ୍ଦିର ପରିସରକୁ ସୁନ୍ଦର ଭାବେ ସଜାଯାଉଥିବା ବେଳେ ଆଗତ ଭକ୍ତମାନଙ୍କ ପାଇଁ ପାଣି, ପ୍ରସାଦ ବଣ୍ଟନ ଓ ବସିବା ବ୍ୟବସ୍ଥା ମଧ୍ୟ କରାଯାଇଛି। ଏହି ଅବସରରେ ବିଶାଳ ଭଣ୍ଡାରା (ଅନ୍ନ ପ୍ରସାଦ ବଣ୍ଟନ) ଆୟୋଜନ ହୋଇଛି। ସ୍ଥାନୀୟ ପ୍ରଶାସନ ମଧ୍ୟ ସୁରକ୍ଷା ଓ ଯାତାୟାତ ବ୍ୟବସ୍ଥା କରିଛି। ଗ୍ରାମବାସୀଙ୍କ ମତାନୁସାରେ, ଏହି ମନ୍ଦିର ପ୍ରତିଷ୍ଠା ଓ କାର୍ଯ୍ୟକ୍ରମ ମାର୍କାଣ୍ଡି ଗ୍ରାମର ଧାର୍ମିକ ଏବଂ ସାମାଜିକ ଏକତାକୁ ଆହୁରି ମଜବୁତ କରିବ। ଏହା ଅଞ୍ଚଳରେ ଆଧ୍ୟାରିକ ଜାଗୃତି ସୃଷ୍ଟି କରିବା ସହ ଭବିଷ୍ୟତରେ ଏକ ପ୍ରମୁଖ ତୀର୍ଥସ୍ଥଳୀ ଭାବେ ପରିଚିତ ହେବ ବୋଲି ଆଶା କରାଯାଉଛି।

# ମାଗଣା ଅଟୋ ଆମ୍ବୁଲାନ୍ସ ସେବା ଶୁଭାରମ୍ଭ



ଧରାକୋଟ,୨୭ ।୪(ସମିସ): ଗର୍ଭବତୀ ମହିଳା ଓ ପ୍ରସୂତିଙ୍କ ପାଇଁ ଗଞ୍ଜାମ ଜିଲ୍ଲା ପ୍ରଶାସନ ଆରମ୍ଭ କରିଛି ଅଭିନବ ପ୍ରୟାସ। ଜିଲ୍ଲାପାଳ ଭି କୀର୍ତ୍ତି ବାସନ ରାଜ୍ୟର ପ୍ରଥମ ଜିଲ୍ଲା ଭାବରେ ଗଞ୍ଜାମ ଜିଲ୍ଲାର ଧରାକୋଟ ବ୍ଲକ ଅନ୍ତର୍ଗତ ଦୁର୍ଗମ ସାବା ପଞ୍ଚାୟତରେ ମାଗଣା ଅଟୋ ଆମ୍ବୁଲାନ୍ସ ସେବା ଆରମ୍ଭ କରିଛନ୍ତି। ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଏମଭିକେ ଅଶୋକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଜିଲ୍ଲାପାଳ ଭି.କୀର୍ତି ଭାସନ, ଜିଲ୍ଲା ପରିଷଦ ସିଡିଓ/ ଇଓ ସମୀର ଜେନା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ସିଡିଏମଓ ଡାକ୍ତର ଭବାନୀ ଶଙ୍କର ମିଶ୍ର, ଡିପିଏମ ବୁଲୁ ନାଥ ସାହୁ, ବିଡିଓ ସଂଗ୍ରାମ କେଶରୀ ଜେନା, ତହସିଲଦାର ଲମ୍ବୋଦର ମାରାଣ୍ଡି, ବଡ଼ଗଡ଼ ଥାନାଧିକାରୀ ବିମଳ କୁମାର କହଁର, ସିଡିପିଓ ସୁନୀଲପ୍ରଭା ରଥ, ଜିଲ୍ଲା ପରିଷଦ ସଦସ୍ୟ ଟୁକୁନା ଗୌଡ଼ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ଜିଲ୍ଲାପାଳ ଓ ଅଧ୍ୟକ୍ଷା ପତାକା ଦେଖାଇ ଏହି ଯୁଗାନ୍ତକାରୀ ସେବାର ଶୁଭାରମ୍ଭ କରିଥିଲେ । ଗଞ୍ଜାମ ଜିଲ୍ଲାର ଆସିକା, ବେଗୁନିଆ ପଡ଼ା, ଭଞ୍ଜନଗର, ବୁଗୁଡ଼ା, ଚିକିଟି, ଦିଗପହଣ୍ଡି, ଜଗନ୍ନାଥପ୍ରସାଦ, ପାତ୍ରପୁର, ପୋଲସରା, ସାନଖେମୁଣ୍ଡି, ସୋରଡା ଓ ଧରାକୋଟ ଭଳି ବାର ଗୋଟି ବ୍ଲକର ୨୪୭ଟି ଦୁର୍ଗମ ଓ ଅପହଞ୍ଚ ଗ୍ରାମର ଗର୍ଭବତୀ ଓ ପ୍ରସୂତି ମା'ମାନଙ୍କ ସହ ଏକ ବର୍ଷର ଶିଶୁମାନଙ୍କୁ ସୁରକ୍ଷିତ, ସୁବିଧା ଜନକ ଓ ସମୟୋପଯୋଗୀ ସ୍ୱାସ୍ଥ୍ୟ ସେବା ଯଥା ଅଲଟ୍ରା ସାଉଣ୍ଡ ଓ ଜରୁରୀ କାଳୀନ ସେବା ପାଇଁ ନିରୀକ୍ଷଣ ସାଥୀ ମାଗଣା ଅଟୋ ଆମ୍ବୁଲାନ୍ସ ସେବା ଉପଲବ୍ଧ ହେବ। ଉପରୋକ୍ତ ଗାଁ ଗୁଡ଼ିକର ଗର୍ଭବତୀ ଓ ପ୍ରସୂତି ମା ମାନଙ୍କ ତାଲିକା ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରେ, ଅଙ୍ଗନବାଡି କର୍ମୀ ଓ ଆଶା କର୍ମୀଙ୍କ ନିକଟରେ ରହିବ । ଆବଶ୍ୟକ ସ୍ଥଳେ ଯେଉଁଠି ୧୦୨ କିମ୍ବା ୧୦୮ ଆମ୍ବୁଲାନ୍ସ ସେବା ଅପହଞ୍ଚ ହେଉଛି ସେଠି ନିରୀକ୍ଷଣ ସାଥୀ ମାଗଣା ଅଟୋ ଆମ୍ବୁଲାନ୍ସ ପହଞ୍ଚି ସେମାନଙ୍କୁ ଜରୁରୀ କାଳୀନ ସ୍ୱାସ୍ଥ୍ୟ ସେବା ଯୋଗାଇବ। ଯାହା ଫଳରେ ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ପାଇଁ ଖଟିଆରେ ରୋଗୀଙ୍କୁ ବୋହି ଆଣୁଥିବା ଭଳି ବିକଳ ଚିତ୍ରରେ ରୋକ ଲାଗିବାର ସମ୍ଭାବନା ଉଜ୍ଜ୍ୱଳ ହୋଇଛି। କାର୍ଯ୍ୟକ୍ରମରେ ଡାକ୍ତର ଅଶୋକ ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ଦେଇଥିବା ବେଳେ ଏହାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଡିପିଏମ ବୁଲୁ ନାଥ ସାହୁ ସୂଚନା ଦେଇଥିଲେ। ତହସିଲଦାର ଲମ୍ବୋଦର ମାରାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ।

## ଶୁଖିଲା ପଡ଼ିଛି ପୋଖରୀ

# ଚନ୍ଦନ ଯାତ୍ରାକୁ ନେଇ ଚିନ୍ତାରେ ଅଞ୍ଚଳବାସୀ

ରମ୍ଭା,୨୭ ।୪(ସମିସ)

ପ୍ରବଳ ଗ୍ରୀଷ୍ମ ପ୍ରବାହ ହେଉଛି ।ସବୁଆଡ଼େ ଜଳ ପାଇଁ ହାହାକାର। ନିତ୍ୟ ବ୍ୟବହାର୍ଯ୍ୟ ପାଇଁ ଜଳର ଉତ୍କୃଷ୍ଟ ସଂକଟ ଦେଖାଦେଇଛି । ପୋଖରୀ ଗାଡ଼ିଆ ଜଳ ମଧ୍ୟ ଶୁଖିଲା ପଡ଼ିଛି। ଏଭଳି ପରିସ୍ଥିତିରେ ରମ୍ଭାବାସୀଙ୍କୁ ଜଳ ସମସ୍ୟା ଘାରିଛି। ପୋଖରୀ ଶୁଖିଲା ପଡ଼ିବାରୁ ଏବେ ଯାବତୀୟ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଅଛି। ଆସନ୍ତା ମାସ ୪ ତାରିଖରେ ରମ୍ଭା ସହରରେ ଆୟୋଜିତ ହେବ ପ୍ରସିଦ୍ଧ ଚନ୍ଦନ ଯାତ୍ରା । ରମ୍ଭାବାସୀଙ୍କ ସମ୍ପର୍କୀୟ, ଅତିଥି, ମୈତ୍ର, ଆ÷ୀୟ ସୌଜନ୍ୟ ଓ ଅଞ୍ଚଳବାସୀଦା ଆସି ଭିଡ଼ ଜମାଇବେ। ହେଲେ ପୋଖରୀ ଜଳ ଶୁଖିଲା ପଡ଼ିବା ସେମାନଙ୍କୁ ଚିନ୍ତା



ଘାରିଛି। ରମ୍ଭା ସହରର ମିଞ୍ଚିନିପାଟଣା ୧-ନଂ ୱାର୍ଡ ରାଜପଥ ପାଶ୍ୱର୍ରେ ରହିଛି ଏକ ପୋଖରୀ। ଏହି ପୋଖରୀ ସମ୍ପୂର୍ଣ୍ଣ ରୂପେ ଶୁଖିଲା ପଡ଼ି ମାଟି ଆଁ କରିବା ଲକ୍ଷ୍ୟ କରାଯଇଛି। କିନ୍ତୁ ରମ୍ଭା ଏନଏସି ପ୍ରଶାସନ ପୋଖରୀର ପୁନଃରୁଦ୍ଧାର କରି ଜଳ ଭର୍ତ୍ତି କରିବା ଏପର୍ଯ୍ୟନ୍ତ କୌଣସି ବିହିତ ପଦକ୍ଷେପ ନେଇନଥିବା ଅଭିଯୋଗ ବାଢିଛନ୍ତି। ଉପରୋକ୍ତ ପୋଖରୀ ଚନ୍ଦନ ଯାତ୍ରା ସମୟରେ ପ୍ରତିବର୍ଷ କୁଆଡେ ପୁନଃରୁଦ୍ଧାର କରିବାପାଇଁ ମନେ ପଡ଼େ। ହେଲେ ତାହା ହୋଇନଥାଏ। ଏହି ପୋଖରୀ ଉପରେ ରମ୍ଭା ମିଞ୍ଚିଣିପାଟଣାର ୪ ଖଣ୍ଡ ସାହି ,କଲେଜ ରୋଡ଼ ସାହି, ପାଣି ଟାଙ୍କି ସାହି, ଆର.ନୂଆଗାଁ ଗ୍ରାମବାସୀ ନିର୍ଭରଶୀଳ। କିନ୍ତୁ ଗତ କିଛି ଦିନ ହେବ ପୋଖରୀ ଜଳ ଶୁଖିଲା ପଡିଥିବା ଯୋଗୁଁ ସେମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସହରର ଉପକଣ୍ଠ ତଥା ରାଜପଥ ପାଶ୍ୱର୍ରେ ପୋଖରୀ ରହିଥିବା ଯୋଗୁଁ ସ୍ଥାନୀୟ ବାସିନ୍ଦାଙ୍କ ପରିବର୍ତ୍ତେ ଆଗନ୍ତୁକ, ଯାତ୍ରୀ, ଯାନବାହାନ ନିର୍ଭରଶୀଳ ରହିଆଆନ୍ତି କ୍ଷ ସହରରେ ଥିବା ଅନ୍ୟ କେତେକ ପୋଖରୀ ମଧ୍ୟ ପାଣି ଶୁଖିଲା ପଡିଛି। କାଁଭାଁ ପୋଖରୀରେ କିଞ୍ଚିତ ପାଣି ରହିଛି। ଏହି କାରଣରୁ ଲୋକେ ତଥା ଗୃହପାଳିତ ପଶୁମାନେ ଉତ୍କଟ ଜଳ ସଙ୍କଟର ସମ୍ମୁଖୀନ ହେଉଛନ୍ତି, ଯାହା ସେମାନଙ୍କର ନିତ୍ୟ ବ୍ୟବହାର୍ଯ୍ୟ ପାଣି ପାଇଁ ଘୋର ସମସ୍ୟା ସୃଷ୍ଟି କରିଛି। ଏନଏସି ପ୍ରଶାସନ ଆଗାମୀ ଚନ୍ଦନ ଯାତ୍ରାକୁ ଦୃଷ୍ଟିରେ ରଖି ଜଳ ମୁକ୍ତ ପୋଖରୀକୁ ତୁରନ୍ତ ଜଳ ପୂର୍ଣ୍ଣ କରିବାପାଇଁ ସାଧାରଣରେ ଦାବି ହେଉଛି।

## ସ୍ପାଇନ ସୋସାଇଟିର ବାର୍ଷିକ ସମ୍ମିଳନୀ ଉଦ୍‌ଯାପିତ




ବ୍ରହ୍ମପୁର,୨୭।୪(ସମିସ): ସ୍ପାଇନ ସୋସାଇଟି ଓଡିଶା ରାଜ୍ୟ ଶାଖାର ତୃତୀୟ ବାର୍ଷିକ ଉତ୍ସବ 'ସୋକନ-୨୦୨୬' ଉଦ୍‌ଯାପିତ ହୋଇଯାଇଛି। ଗୋପାଳପୁର ଠାରେ ସଂଘ ପକ୍ଷରୁ ଆୟୋଜିତ ଏହି ଉତ୍ସବ ତଥା କର୍ମଶାଳା ରବିବାର ଓ ସୋମବାର ଦୁଇଦିନ ଧରି ଅନୁଷ୍ଠିତ ହୋଇଥିଲା। କର୍ମଶାଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ପ୍ରାୟ ଶତାଧିକ ଖ୍ୟାତିସମ୍ପନ୍ନ ବିଶେଷଜ୍ଞମାନେ ଯୋଗ ଦେଇଥିଲେ। ଉଭୟ ଦିବସରେ ଅନୁଷ୍ଠିତ ବୈଶୟିକ କର୍ମଶାଳାରେ ବିଶେଷଜ୍ଞମାନେ ମେରୁଦଣ୍ଡର ଅସ୍ତ୍ରୋପଚାର ଓ ଏଥିରେ ଥିବା ସମସ୍ୟା ଓ ନିରାକରଣ ସମ୍ପର୍କରେ ବହୁ ଉପାଦେୟ ତଥ୍ୟ ନିଜ ଅନୁଭୂତିରୁ ପ୍ରକାଶ କରିଥିଲେ। ପିଲାଙ୍କ ଠାରୁ ବୟସ୍କ ସମସ୍ତଙ୍କ କ୍ଷେତ୍ରରେ ବିଭିନ୍ନ କାରଣରୁ ଏହି ସମସ୍ୟା ଦେଖାଯାଉଥିବା ବେଳେ ତାହାର ଉପଚାର ଓ ସ୍ଥାୟୀ ପ୍ରତିକାର ନେଇ ବିଭିନ୍ନ ମତ ଦେଇଥିଲେ। ହାଡଦୁର୍ବଳ ହେବାର ଅନେକ କାରଣ ଥିଲେ ହେଁ ଏହାକୁ ଅବହେଳା କଲେ କର୍କଟ ରୋଗ ବା କ୍ୟାନ୍ସର ହେବାର ଆଶଙ୍କାକୁ ମଧ୍ୟ ଏଡାଇ ଦିଆଯାଇନପାରେ। ଏଣୁ ଗଣ୍ଠି ବା ହାଡ ଜନିତ ଯେକୌଣସି ଯନ୍ତ୍ରଣା ହେଲେ ଅବହେଳା ନକରି ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ। ସେପଟେ ଅସ୍ଥିଶଲ୍ୟ ବିଶେଷଜ୍ଞମାନଙ୍କୁ ମଧ୍ୟ ମେରୁଦଣ୍ଡ ଭଳି କଠିନ ଅସ୍ତ୍ରୋପଚାର ପାଇଁ ସ୍ୱତନ୍ତ୍ର କୋର୍ସ ଜରିଆରେ ଜ୍ଞାନ ଆହରଣ କରିବାକୁ ପଡିଥାଏ। ମେରୁଦଣ୍ଡର ଅସ୍ତ୍ରୋପଚାର ବେଳେ ସାଧାରଣତଃ ରୋଗୀ ଭୟରେ ହେଉ ଅଥବା ବିଫଳତାକୁ ନେଇ ଡାକ୍ତରଙ୍କ ଉପରେ ବିଶ୍ୱାସ ରଖିବା କଷ୍ଟକର ହୋଇଥାଏ। ଏଣୁ ଏକାଧିକ ଡାକ୍ତରଙ୍କ ପରାମର୍ଶ ନେଇ ରୋଗୀଙ୍କୁ ଉପଚାରର ବ୍ୟବସ୍ଥା କରି ଯନ୍ତ୍ରଣାରୁ ମୁକ୍ତ ହେବା ଜରୁରୀ ବୋଲି କର୍ମଶାଳାରେ ମତ ପ୍ରକାଶ ପାଇଥିଲା। କର୍ମଶାଳାକୁ ଓଡିଶା ରାଜ୍ୟ ଶାଖାର ସାଙ୍ଗଠନିକ ସମ୍ପାଦକ ଡାକ୍ତର ଆନନ୍ଦ ବେହେରା, ଅଧ୍ୟକ୍ଷ ପ୍ରଫେସର ଡାକ୍ତର ମଦନ ମୋହନ ସାହୁ ଓ ଯୁଗ୍ମ ସମ୍ପାଦକ ଡାକ୍ତର ସ୍ୱରୁପ ଦାସ ଆୟୋଜନ କରିଥିଲେ।

## ବାଇକ ଦୁର୍ଘଟଣାରେ ଜଣେ ମୃତ,୨ ଆହତ

ବ୍ରାହ୍ମଣୀଗାଁ,୨୭।୪(ସମିସ): ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁର ଅନତି ଦୂରରେ ଥିବା ନର୍ସରୀର ମୋଡ଼ ନିକଟରେ ବାଇକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ୨ ଯୁବକ ଆହତ ହୋଇଛନ୍ତି। କାଟୀଙ୍ଗିଆ ଗ୍ରାମର ୩ ଯୁବକ ମୌସମ ସିଂ (୨୪), ସିତେଶ ସେନାପତି (୨୬) ଓ ହାପି ଦଣ୍ଡସେନା (୨୨) କିଛି ଜିନିଷ କିଣିବା ପାଇଁ ବୁଲେଟ୍ ମୋଟର ସାଇକଲରେ ବ୍ରାହ୍ମଣୀଗାଁ ହାଟକୁ ଆସିଥିଲେ। ଫେରିବା ବାଟରେ ନର୍ସରୀ ମୋଡ଼ ନିକଟରେ ଭାରଶୂନ୍ୟ ହରାଇ ପୋଲ ତଳକୁ ଖସି ପଡ଼ିଥିଲେ। ସ୍ଥାନୀୟ ଲୋକେ ଏଥିନେଇ ପୁଲିସ ଓ ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଆମ୍ବୁଲାନ୍ସରେ ୩ ଜଣଙ୍କୁ ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ୩ ଯୁବକଙ୍କ ମଧ୍ୟରୁ ହାପି ଦଣ୍ଡସେନାଙ୍କୁ ଦାରିଙ୍ଗବାଡ଼ି ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ଦୁଇ ଆହତଙ୍କୁ ସେମାନଙ୍କ ସମ୍ପର୍କିୟ ନିଜ ବ୍ୟବସ୍ଥାରେ ବ୍ରହ୍ମପୁର ନେଇଛନ୍ତି। ପୁଲିସ ବୁଲେଟ୍‌କୁ ଜବତ କରି ଘଟଣାର ତଦନ୍ତ କରୁଛି।

## ୪୧୩ କିଲୋଗ୍ରାମ ଗଞ୍ଜେଇ ଜବତ

ପାରଳାଖେମୁଣ୍ଡି,୨୭।୪ (ସମିସ):ଆର୍.ଉଦୟଗିରି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରାକେଶ ସାହୁଙ୍କ ନେତୃତ୍ୱରେ ନିଶାଦ୍ରବ୍ୟ ଚାଲାଣ ବିରୁଦ୍ଧରେ ଏକ ବଡ଼ ସଫଳତା ହାସଲ ହୋଇଛି। ବିଶ୍ୱସ୍ତ ଗୁପ୍ତ ସୂଚନା ଆଧାରରେ ଆର୍.ଉଦୟଗିରି ପୁଲିସ ଦଳ ମାଣିକପୁର ଏବଂ ଡାଲିମ୍ବପୁର ଗାଁରେ ଚଢଉ କରି ପାହାଡ଼ ଶିଖର ଏବଂ ଭୂତଳ ଗମ୍ପରେ ଲୁଚାଇ ରଖାଯାଇଥିବା ୪୧୩ କିଲୋଗ୍ରାମ ଗଞ୍ଜେଇ ଜବତ କରିଥିଲା। ଯାହାକି ପରବର୍ତ୍ତୀ ପର୍ଯ୍ୟାୟରେ ପରିବହନ ପାଇଁ ଚାଲାଣକାରୀ ଏହି ଚୋରା ସାମଗ୍ରୀ ସଂରକ୍ଷଣ କରିଥିବାର ପୁଲିସ ଜାଣିବାକୁ ପାଇଥିଲା। ଏହି ସମ୍ପର୍କରେ, ଆର୍. ଉଦୟଗିରି ଥାନାରେ ଏକ ମାମଲା ପଞ୍ଜିକୃତ ହୋଇଥିବା ବେଳେ ବେଆଇନ ବ୍ୟବସାୟରେ ସମ୍ପୃକ୍ତ ସମସ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରି ଗିରଫ କରିବା ପାଇଁ ପ୍ରଚେଷ୍ଟା ଜାରି ରହିଥିବାର ଆର୍.ଉଦୟଗିରି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଶ୍ରୀ ସାହୁ କହିଛନ୍ତି।

### ନବୋଦୟ ବିଦ୍ୟାଳୟ ଛାତ୍ର ଆତ୍ମହତ୍ୟା ଘଟଣା

# ଏସ୍‌ପି, ଜିଲାପାଳଙ୍କୁ ଭେଟି ନ୍ୟାୟ ଦାବି କଲେ ଛାତ୍ରଛାତ୍ରୀ ଓ ପରିବାର








ଫୁଲବାଣୀ/ଫିରିଙ୍ଗିଆ,୨୭।୪(ସମିସ):

ଫୁଲବାଣୀ ଜବାହାର ନବୋଦୟ ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀ ଛାତ୍ର ଗୋକୁଳ କହଁରଙ୍କ ଆତ୍ମହତ୍ୟା ଘଟଣାକୁ ନେଇ ଛାତ୍ର ଓ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ଘଟଣାର ୭ ଦିନ ପରେ ବି ପୁଲିସ କିମ୍ବା ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାକୁ ନେଇ ପ୍ରତିବାଦର ସ୍ୱର ଉଠିଛି। ସୋମବାର ଛାତ୍ରଛାତ୍ରୀଙ୍କ ସହ ଗୋକୁଳଙ୍କ ପରିବାର ଲୋକେ ଜିଲ୍ଲାପାଳ ଓ ଏସପିଙ୍କୁ ଭେଟି ନ୍ୟାୟ ମାଗିଛନ୍ତି। ଅଧ୍ୟକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଶତାଧିକ ଛାତ୍ରଛାତ୍ରୀ ତୁଡିପାଜୁ ସ୍ଥିତ ନବୋଦୟ ବିଦ୍ୟାଳୟରୁ ଆଜି ସକାଳେ ଚାଲି ଚାଲି ପ୍ରାୟ ୫ କିମି ଦୂର ଫୁଲବାଣୀକୁ ଆସିଥିଲେ। ରାସ୍ତାରେ ଫୁଲବାଣୀ ଉପଜିଲ୍ଲାପାଳ ଭିକାରୀ ସାହୁ ଏବଂ ସଦର ଏସଡିପିଓ ଶୁଭ୍ରଜିତ ବିଶ୍ୱାଳ ସେମାନଙ୍କୁ ବୁଝାସୁଝା କରି ଥିଲେ ମଧ୍ୟ ସେମାନେ ଶୁଣି ନଥିଲେ। ଜିଲ୍ଲାପାଳଙ୍କୁ ଭେଟିବା ପାଇଁ ଜିଦ ଧରିଥିଲେ ପିଲା। ତେବେ ଜିଲାପାଳ ଅନୁପସ୍ଥିତ ଥିବାରୁ ସେମାନେ ପ୍ରଥମେ ଆରକ୍ଷୀ ଅଧିକ୍ଷକ ହରିଶ ବି ସିଙ୍କୁ ସାକ୍ଷାତ କରିଥିଲେ। ଘଟିଥିବା ଘଟଣା ଏବଂ ଅଧ୍ୟକ୍ଷଙ୍କ ଆଚରଣ ସମ୍ପର୍କରେ ଏସପିଙ୍କ ଆଗରେ ବର୍ଣ୍ଣନା କରିଥିଲେ ଛାତ୍ରଛାତ୍ରୀ ଓ ଗୋକୁଳଙ୍କ ପରିବାର। ସବୁ ଶୁଣିବା ପରେ ଘଟଣାର ଦ୍ୱରିତ ଏବଂ ନିରପେକ୍ଷ ତଦନ୍ତ ହେବ ବୋଲି ଆଶ୍ୱାସନା ଦେଇଛନ୍ତି ଏସପି। ପୁଲିସ ଏହି ଘଟଣାରେ ସବୁ ଦିଗକୁ ନେଇ ତଦନ୍ତ କରୁଛି। ବ୍ୟବଚ୍ଛେଦ ରିପୋର୍ଟ ଆମର ହସ୍ତଗତ ହୋଇଛି। ଖୁବଶୀଘ୍ର କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ କହିଛନ୍ତି।

ବିଦ୍ୟାଳୟରେ ପରିଚାଳନା ଗତ ତ୍ରୁଟି ହୋଇଥିବା ଅଭିଯୋଗ ନେଇ ଆମେ ଜିଲାପାଳଙ୍କୁ ଜଣେଇବୁ ବୋଲି ଏସପି କହିଥିଲେ। ପ୍ରିନ୍ସିପାଲଙ୍କ ନାମରେ ବିଭାଗୀୟ ତଦନ୍ତ ଚାଲିଛି ଏବଂ ଦାୟିତ୍ୱହୀନତା ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳଙ୍କୁ ରିପୋର୍ଟ ଦିଆଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି। କିଛି ଛାତ୍ର ଏସପିଙ୍କୁ ସାକ୍ଷାତ ପରେ ଫେରି ଯାଇଥିବା ବେଳେ ଆଉ କିଛି ଅପେକ୍ଷା କରି ରହିଥିଲେ। ଜିଲ୍ଲାପାଳ ଫେରିବା ପରେ ସନ୍ଧ୍ୟାରେ ତାଙ୍କୁ ଭେଟି ନିଜର ଦାବି ଜଣାଇଥିଲେ। ଏହି ଘଟଣାକୁ ଗୁରୁତ୍ୱର ସହ ନିଆଯାଇଛି ଏବଂ ଅଧ୍ୟକ୍ଷଙ୍କ ବିରୋଧରେ ବିଭାଗୀୟ ତଦନ୍ତ ପାଇଁ ନବୋଦୟ ବିଦ୍ୟାଳୟ ସଙ୍ଗଠନକୁ ଜଣାଇ ଦିଆଯାଇଛି ବୋଲି ଜିଲ୍ଲାପାଳ ବେଦଭୂଷଣ କହିଛନ୍ତି। ଛାତ୍ର ଆତହତ୍ୟା ଘଟଣାରେ ଏସ୍‌ପିଙ୍କ ରିପୋର୍ଟ ଆଧାରରେ ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ଜିଲାପାଳ।

ଅପରପକ୍ଷେ,ଛାତ୍ରୀଛାତ୍ରଙ୍କ କହିବା ଅନୁସାରେ ବାର୍ଷିକ ଖେଳ ପ୍ରତିଯୋଗିତା ଶେଷ ହେବା ପରେ ୨୦ ତାରିଖରେ ଗୋକୁଳ କ୍ଲାସ ନ ଆସି, ଅନ୍ୟ ପିଲାଙ୍କ ରୁମରେ ଥିଲେ। କିଛି ସମୟପରେ ସେ ତାଙ୍କ ରୁମ୍‌କୁ ଯାଇ ଫ୍ୟାନରେ ବେଡସିଟ ଲଗାଇ ଆତ୍ମହତ୍ୟା କରିଥିବା ଆମେ ଜାଣିବାକୁ ପାଇଲୁ। ଅଧ୍ୟକ୍ଷ ଲଗାତାର ତାଙ୍କୁ ଦୁର୍ବ୍ୟବହାର କରୁଥିଲେ। ଅଭିଭାବକ ମିଟିଂରେ ମଧ୍ୟ ଗୋକୁଳଙ୍କ ପରିବାର ଲୋକଙ୍କୁ ସମସ୍ତଙ୍କ ଆଗରେ ପ୍ରିନ୍ସିପାଲ ଖରାପ ବ୍ୟବହାର କରିଥିଲେ ବୋଲି ଛାତ୍ରଛାତ୍ରୀ ପ୍ରକାଶ କରିଛନ୍ତି। ଘଟଣା ଦିନ ମଧ୍ୟ ଏଭଳି କରିବାରୁ ସେ ଚରମ ପଦକ୍ଷେପ ନେଇଛନ୍ତି ବୋଲି ଅଧିକାଂଶ ଛାତ୍ରଛାତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ, ଗତ ୨୦ ତାରିଖରେ ଯୁକ୍ତ ଦୁଇ ଛାତ୍ର ଗୋକୁଳ କହଁର(୧୭)ଙ୍କ ଝୁଲନ୍ତା ମୃତଦେହ ହଷ୍ଟେଲ ରୁମରୁ ଠାବ କରାଯାଇଥିଲା। ଏ ନେଇ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ପରିବାର ଲୋକେ କବାଟ ଖୋଲିବାରୁ ପୁଅର ମୃତଦେହ ଫ୍ୟାନରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ସେଠାରୁ ପରିବାର ଲୋକେ ଏବଂ ବିଦ୍ୟାଳୟ କର୍ତ୍ତୃପକ୍ଷ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାକୁ ନେଇ ଛାତ୍ରଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣି ସଦର ଥାନାରେ ଏତଲା ଦେଇଥିଲେ।

### ଆରମ୍ଭ ହେଲା ଐତିହାସିକ ଠାକୁରାଣୀ ଯାତ୍ରା

# ଶଗଡ଼ରେ ଆସିଲେ ମାଆ ବ୍ୟାଘ୍ର ଦେବୀ





ଭଞ୍ଜନଗର,୨୭।୫(ସମିସ): ଆରମ୍ଭ ହେଲା ଭଞ୍ଜନଗର ସହରର ଐତିହାସିକ ଠାକୁରାଣୀ ଯାତ୍ରା। ରବିବାର ଏଥିପାଇଁ ପୁରା ସହର ଉତ୍ସବ ମୁଖର ହୋଇଉଠିଥିଲା। ଘୁମୁସରର ଅଧିଷ୍ଠାତ୍ରୀ ଦେବୀ ମାଆ ବ୍ୟାଘ୍ର ଦେବୀ କୁଲାଡରୁ ଶଗଡରେ ଆସିଥିବା ବେଳେ ଫୁଲ ଚାଙ୍ଗୁଡିରେ ଯାତ୍ରା ସ୍ଥଳରେ ପହଞ୍ଚିଥିଲେ ଠାକୁରାଣୀ। ସକାଳୁ କୁଲାଡକୁ ଏଠାରୁ ହଳ ଶଗଡ ନେଇ ଭକ୍ତ ଜନ ମାନେ ମାଆଙ୍କ ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ। ସେଠାରେ ପହଞ୍ଚିବା ପରେ ଦେବୀଙ୍କ ପୀଠରେ ପୂଜାର୍ଚ୍ଚନା କରାଯାଇଥିଲା। ଆୟୋଜକ ଯାତ୍ରା କମିଟି ପକ୍ଷରୁ ଉପଜିଲ୍ଲାପାଳ ଉମାଶଙ୍କର ବେହେରା ମୁଖ୍ୟ ପୁରୋଧା ଭାବେ ସେଠାରେ ପହଞ୍ଚି ସମସ୍ତ ରୀତିନୀତି ସଂପନ୍ନ କରିବା ପରେ ଶେଷରେ ମାଆଙ୍କ ଆଜ୍ଞାମାଳ ମସ୍ତକରୁ ଖସିଥିଲା। ଶେଷରେ ଶଗଡରେ ବସି ବାପ ଘର ଅଭିମୁଖେ ବାହାରି ଥିଲେ ମାଆ ସାଆନ୍ତାଣୀ। ଦୀର୍ଘ ୮ କିମି ରାସ୍ତାର ଉଭୟ ପାଶ୍ୱର୍ରେ ଭକ୍ତ ଜନ ମାନେ ରୁଣ୍ଡ ହୋଇ ମାଆଙ୍କ ଦୁର୍ଲଭ ଦର୍ଶନ କରି କୃତାର୍ଥ ଲଭିଥିଲେ। ସନ୍ଧ୍ୟାରେ ମାଆଙ୍କ ନିକଟକୁ ଶାନ୍ତନୁ କୁମାର ଦାସଙ୍କ ପକ୍ଷରୁ ପରମ୍ପରା ଅନୁଯାୟୀ ଅଧର ପଣା ଭୋଗ ଲାଗି କରାଯାଇଥିଲା। ପରେ ସେଠାରୁ ଉପଜିଲ୍ଲାପାଳ ଉମାଶଙ୍କର ବେହେରା ନିଜ ଧର୍ମପତ୍ନୀଙ୍କ ସହ ମାଆଙ୍କୁ ସ୍ୱହସ୍ତରେ ଧରି ଚାଲି ଚାଲି ଯାତ୍ରା ସ୍ଥଳକୁ ଆସିଥିଲେ। ଏହି ସମୟରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ବହୁ ସଂଖ୍ୟକ ଲୋକନୃତ୍ୟ ଦଳଙ୍କ ବର୍ଣ୍ଣାଢ୍ୟ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ମାଆ ବ୍ୟାଘ୍ର ଦେବୀ ଅସ୍ଥାୟୀ ପୀଠକୁ ଆସିବା ପରେ ଯାତ୍ରା କମିଟି ପକ୍ଷରୁ ମଧ୍ୟରାତ୍ରରେ ମାଆ ଠାକୁରାଣୀଙ୍କ ନିକଟକୁ ଯାଇ ସେଠାରେ ମାଆଙ୍କୁ ଆବାହନ କରାଯାଇଥିଲା। ମାଆ ଠାକୁରାଣୀଙ୍କ ମସ୍ତକରୁ ଫୁଲ ଖସି ଚାଙ୍ଗୁଡିରେ ପଡିବା ପରେ ସେଠାରୁ ମଧ୍ୟ ଅନୁରୂପ ଭାବେ ବର୍ଣ୍ଣନା ପଟୁଆରରେ ମାଆଙ୍କୁ ନେଇ ଅସ୍ଥାୟୀ ମନ୍ଦିରରେ ସ୍ଥାପନ କରା ଯାଇଥିଲା। ଏହି ସମୟରେ ଯାତ୍ରା କମିଟି ପକ୍ଷରୁ ମୁଖ୍ୟ ଉପଦେଷ୍ଟା ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ସମେତ ସଭାପତି ରାଜେନ୍ଦ୍ର ବିଷୋୟୀ, କାର୍ଯ୍ୟକାରୀ ସଭାପତି ବିଷ୍ଣୁ ପ୍ରସାଦ ପ୍ରଧାନ, ଉପସଭାପତି ମୁରଲୀଧର ପଣ୍ଡା, ସଂଗଠନ ସଂପାଦକ ପ୍ରମୋଦ କୁମାର ଦଳବେହେରା, ସୁଶାନ୍ତ ମହାପାତ୍ର, ସଂପାଦକ ସୁଧୀର ରଞ୍ଜନ ବେହେରା ମାଆଙ୍କ ସହ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସେହିପରି ସ୍ଥାନୀୟ ପୁଲିସ ପ୍ରଶାସନ ପକ୍ଷରୁ ଏସଡିପିଓ ଡକ୍ଟର ଦୀପକ କୁମାର ମିଶ୍ରଙ୍କ ନେତୃତ୍ୱରେ ଥାନା ଅଧିକାରୀ ଜୀବନାନନ୍ଦ ଜେନା ଓ ସମସ୍ତ ଷ୍ଟାଫ୍ ତଥା ପୁଲିସ ପକ୍ଷରୁ ନିୟୋଜିତ ବହୁ ସଂଖ୍ୟକ ସ୍ୱେଚ୍ଛାସେବୀ ଯାତ୍ରା ର ଶାନ୍ତି ଶୃଙ୍ଖଳା ଦାୟିତ୍ୱ ନିର୍ବାହ କରିଥିଲେ।

## ଦୁଇ ପରିବାର ମଧ୍ୟରେ ଆକ୍ରମଣ, ବାପ-ପୁଅ ଗିରଫ

ଦିଗପହଣ୍ଡି,୨୭।୪(ସମିସ): ଦିଗପହଣ୍ଡି ବ୍ଲକ ଜକର ଗ୍ରାମରେ ଗତ ଶୁକ୍ରବାର ରାତିରେ ପାରିବାରିକ ହିଂସାରୁ ଦୁଇ ପରିବାରର ୬ ଜଣ ଆହତ ହୋଇଥିଲେ। ଆକ୍ରମଣ - ପ୍ରତି ଆକ୍ରମଣକୁ ନେଇ କେ. ନୂଆଗାଁ ଥାନାରେ ପୃଥକ ମକଦ୍ଦମା ରୁଜୁ ହୋଇଥିଲା। ପୋଲିସ ଘଟଣାର ତଦନ୍ତ କରି ସୋମବାର ଜକର ଗ୍ରାମର ତଳ ସାହିର ଅଭିଯୁକ୍ତ ଘନ ଗୌଡ଼ ଓ ତାଙ୍କ ପୁଅ କିରଣ ଗୌଡ଼ଙ୍କୁ ଗିରଫ କରି ଥାନା ମାମଲା ନଂ. ୧୦୭/୨୬ ଅନୁଯାୟୀ ଉଭୟଙ୍କୁ କୋର୍ଟଚାଲାଣ କରିଥିବା ଜଣାପଡିଛି। ଜାମିନ ଆବେଦନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଛି। ଗ୍ରାମର ଘନ ଗୌଡ଼ଙ୍କ ଝିଅ ଲିଜାଙ୍କ ସହ ନୂଆସାହିର ଟୁଟୁ ଗୌଡ଼ଙ୍କ ପୁଅ ରବିନ୍ଦ୍ର ବିବାହ କରିଥିଲେ। ବୈବାହିକ ଜୀବନ କିଛିଦିନ ସୁଖଶାନ୍ତିରେ ଚାଲିଥିଲା। ପରବର୍ତ୍ତୀ ସମୟରେ ସ୍ୱାମୀ ଓ ଶଶୁର ଘର ଲୋକଙ୍କ ନିର୍ଯାତନା ସହି ନପାରି ଲିଜା ଗତ ୪ ମାସ ପୂର୍ବେ ବାପା ଘରକୁ ଚାଲି ଆସିଥିଲେ। ଉଭୟ ପରିବାର ଟ୍ରାକ୍ଟର ରଖି ବାଲି, ପଥର ବ୍ୟବସାୟ କରୁଥିବା ଗତ କିଛିଦିନ ତଳେ ବାହୁଦା ନଦୀରୁ ବାଲି ଉଠାଣକୁ ନେଇ ଦୁଇ ପରିବାର ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରବର୍ତ୍ତୀ ସମୟରେ ଶୁକ୍ରବାର ରାତିରେ ଏହା ଉଗ୍ରରୂପ ନେଇଥିଲା। ଘନ ଓ ତାଙ୍କ ପୁଅ କିରଣଙ୍କ ସମେତ ଅନ୍ୟ ଗାଁର କିଛି ଯୁବକ ୨ଟି ବାଇକରେ ଟୁଟୁଙ୍କ ଘରକୁ ଆସି ଗଣ୍ଡଗୋଳ କରିବା ସହ ତାଙ୍କ ଦୁଇପୁଅ ରବିନ୍ଦ୍ର ଓ ସୁନୀଲ ଏବଂ ବଡଭାଇ ବାବୁ ଗୌଡ଼ଙ୍କୁ ଆକ୍ରମଣ କରିଥିଲେ। ପ୍ରତିବାଦରେ ଟୁଟୁଙ୍କ ପରିବାର ମଧ୍ୟ ଘନ ଓ ତାଙ୍କ ପୁଅ କିରଣଙ୍କୁ ଘାତକ ଆକ୍ରମଣ କରିଥିଲେ। ଏହି ଆକ୍ରମଣ ଓ ପ୍ରତି ଆକ୍ରମଣରେ ଟୁଟୁଙ୍କ ସମେତ ତାଙ୍କ ବଡ଼ଭାଇ ବାବୁ, ଦୁଇପୁଅ ରବିନ୍ଦ୍ର ଓ ସୁନୀଲ ଏବଂ ଅପରପକ୍ଷର ଲିଜାଙ୍କ ବାପା ଘନ ଓ ଭାଇ କିରଣ ଆହତ ହୋଇଥିଲେ। କେ.ନୂଆଗାଁ ପୁଲିସ ଟିମ୍ ଗ୍ରାମରେ ପହଞ୍ଚି ତଦନ୍ତ କରିବା ସହ ସମସ୍ତ ଆହତଙ୍କୁ ନିକଟସ୍ଥ ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ଚିକିତ୍ସା ହୋଇ ଫେରିବା ପରେ ଉଭୟ ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲା। ପୁଲିସ ପୃଥକ ମକଦ୍ଦମା ରୁଜୁ କରିଥିଲେ। ଟୁଟୁଙ୍କ ସ୍ତ୍ରୀ ସରସ୍ୱତୀ ଗୌଡ଼ଙ୍କ ଏତଲା କ୍ରମେ ରୁଜୁ କରାଯାଇଥିବା ମକଦ୍ଦମାରେ ସମ୍ପୃକ୍ତ ଉଭୟ ବାପା ପୁଅଙ୍କୁ ତଦନ୍ତକାରୀ ଅଧିକାରୀ ଆଇଆଇସି ବିଶ୍ୱଜିତ ନାୟକ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡିଛି।

### ପ୍ରାଦେଶିକ ମେଧା ଓ ଶ୍ରୀ ଭାରତୀକୃଷ୍ଣ ଗଣିତ ପ୍ରତିଭା ପରୀକ୍ଷା

# ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରାଜ୍ୟରେ ସର୍ବାଧିକ ସଫଳତା



ବ୍ରହ୍ମପୁର,୨୭।୪(ସମିସ): ଓଡିଶାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଗୁଡିକୁ ପରିଚାଳନା କରୁଥିବା ଶିକ୍ଷାବିକାଶ ସମିତି, ଓଡିଶାଙ୍କ ପ୍ରାଦେଶିକ ମେଧା ପରୀକ୍ଷା ଓ ଶ୍ରୀଭାରତୀକୃଷ୍ଣ ଗଣିତ ପ୍ରତିଭା ପରୀକ୍ଷା ଫଳ ୨୦୨୫-୨୦୨୬ ଗତ ପ୍ରକାଶିତ ହୋଇଯାଇଛି। ଏହି ପରୀକ୍ଷାରେ ୩ୟ, ୫ମ, ୭ମ ଓ ୯ମ ଶ୍ରେଣୀ ପ୍ରାଦେଶିକ ମେଧା ଓ ଶ୍ରୀଭାରତୀକୃଷ୍ଣ ଗଣିତ ପ୍ରତିଭା ପରୀକ୍ଷାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନୀଳକଣ୍ଠ ନଗରର ରାଜ୍ୟସ୍ତରରେ ସର୍ବାଧିକ ୨୧ଜଣ ର୍‌ୟାଙ୍କ୍ ହାସଲ କରି ସଫଳତାର ପୂର୍ବ ଗୌରବକୁ ବଜାୟ ରଖିଛନ୍ତି। ରାଜ୍ୟସ୍ତରୀୟ ସଫଳତା ହାସଲ କରିଥିବା ଶିଶୁମାନେ ୩ୟ ଶ୍ରେଣୀର ପ୍ରାଦେଶିକ ମେଧାରେ ୮ମ ସ୍ଥାନରେ ଜପଶ୍ରୀ ଦାଶ, ୫ମ ଶ୍ରେଣୀର ୬ଷ୍ଠସ୍ଥାନରେ ଆଦ୍ୟା ଅନୁଭା ପାଢ଼ୀ, ୭ମ ଶ୍ରେଣୀର ୫ମ ସ୍ଥାନରେ ଶୁଭ୍ରାଂଶୁ ପାଣିଗ୍ରାହୀ, ୭ମ ସ୍ଥାନରେ ହିମାଦର୍ଶ ଦେବ, ୮ମ ସ୍ଥାନରେ ସୁଶ୍ରୀ ସାନଭୀ ପଣ୍ଡା, ୯ମ ସ୍ଥାନରେ ଶୁଭଙ୍କର ଛୋଟରାଏ ଓ କେ. ଆଦିତ୍ୟ ରାଓ, ୯ମ ଶ୍ରେଣୀର ୩ୟ ସ୍ଥାନରେ ଅମନ କୁମାର ପ୍ରଧାନ, ୪ର୍ଥ ସ୍ଥାନରେ ଦେବାଶୀଷ ସୁବୁଦ୍ଧି, ୫ମ ସ୍ଥାନରେ ରତ୍ନାକର ପାଢ଼ୀ, ୬ଷ୍ଠ ସ୍ଥାନରେ ଶୁଭାଶିଷ ପଟ୍ଟନାୟକ, ୮ମ ସ୍ଥାନରେ ଦିବ୍ୟା ଦିପାନ୍ୱିତା, ୯ମ ସ୍ଥାନରେ ବିଶ୍ୱଜିତ୍ ମହାରଣା ରହିଛନ୍ତି। ଠିକ୍ ସେହିଭଳି ଶ୍ରୀଭାରତୀକୃଷ୍ଣ ଗଣିତ ପ୍ରତିଭାରେ ୫ମ ଶ୍ରେଣୀର ୭ମ ସ୍ଥାନରେ ବି. ଶ୍ରୀନାଥ ସୁବୁଦ୍ଧି, ୭ମ ଶ୍ରେଣୀର ୧୦ମ ସ୍ଥାନରେ ହିମାଦର୍ଶ ଦେବ, ୯ମ ଶ୍ରେଣୀର ୬ଷ୍ଠ ସ୍ଥାନରେ ବିଶ୍ୱଜିତ୍ ମହାରଣା, ୮ମ ସ୍ଥାନରେ କେ. ଓମ୍ ପାତ୍ର, ୯ମ ସ୍ଥାନରେ କଳ୍ପେଶ କୁମାର ସାହୁ ଓ ଗଣେଶ୍ୱର ସ୍ୱାଇଁ, ୧୦ମ ସ୍ଥନରେ ଦିବ୍ୟା ଦିପାନ୍ୱିତା ଓ ଦେବାଶିଷ ସୁବୁଦ୍ଧି ପ୍ରମୁଖ ରାଜ୍ୟସ୍ତରରେ ର୍‌ୟାଙ୍କ ରଖି ବିଦ୍ୟାଳୟର ପୂର୍ବ ଗୌରବକୁ ବଜାୟ ରଖିଛନ୍ତି। ଛାତ୍ରଛାତ୍ରୀଙ୍କ ଏହି ସଫଳତାରେ ଅନୁଷ୍ଠାନ ପରିଚାଳନା ସମିତିର ସଭାପତି ଡ. ଜୀବାନନ୍ଦ ତ୍ରିପାଠୀ, ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମସମ୍ପାଦକ ନୀଳକଣ୍ଠ ସାହୁ, କୋଷାଧ୍ୟକ୍ଷ ସୋମନାଥ ନନ୍ଦ, ସଦସ୍ୟା ପ୍ରଣତି ସାମଲ, ବାସନ୍ତି ବେହେରା, ଉପଦେଷ୍ଟା ନରସିଂହ ଚୌଧୁରୀ, ଧର୍ମରାଜ ସାହୁ, ମମତା ପାଣିଗ୍ରାହୀ, ଡ. ହରିକୃଷ୍ଣ ନାୟକ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ହରିକୃଷ୍ଣ ପାଢ଼ୀ, ସୁଦର୍ଶନ ପାଢ଼ୀ ତଥା ନିମନ୍ତ୍ରିତ ସଦସ୍ୟ ରାଜେନ୍ଦ୍ର ଡାକୁଆ ଓ କେ. ଭେଙ୍କଟ ରାଓ, ଶିଶୁ ମନ୍ଦିର ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ଦାଶ, ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଏସ୍.ମୋହନ ରାଓ, ଶିଶୁ ମନ୍ଦିର ପୂର୍ବତନ ପ୍ରଧାନ ଆଚାର୍ଯ୍ୟ ସୁରେଶ କୁମାର ଆଚାର୍ଯ୍ୟ ଏବଂ ବିଦ୍ୟାଳୟ ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି ଓ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ସମସ୍ତ କୃତି ଶିଶୁ ଭାଇ ଭଉଣୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିବା ସହ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜଣାଇଥିଲେ।

# ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ଅନୁପସ୍ଥିତିକୁ ନେଇ ପ୍ରଶ୍ନ

ନୂଆଗଡ଼,୨୭।୪(ସମିସ):



ନୂଆଗଡ଼ ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗ୍ରାମ୍ୟମୁଖୀ ପ୍ରଶାସନର ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଜନସାଧାରଣଙ୍କ ସମସ୍ୟାର ସମାଧାନ ଓ ପ୍ରଶାସନକୁ ଗାଁମୁଖୀ କରିବା ଉଦ୍ଦେଶ୍ୟରେ ଏହି ଶିବିର ଆୟୋଜିତ ହେଉଛି। ତେବେ ଏପରି ଗୁରୁତ୍ୱପୂର୍ଣ୍ଣ ଜନ ଶୁଣାଣିରେ କିଛି ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ଅନୁପସ୍ଥିତି ସାଧାରଣ ଲୋକଙ୍କ ମଧ୍ୟରେ ପ୍ରଶ୍ନ ସୃଷ୍ଟି କରୁଛି। ଜନସମସ୍ୟାର ସମାଧାନ ପାଇଁ ଆୟୋଜିତ ଶିବିରରେ ସମସ୍ତ ବିଭାଗର ସକ୍ରିୟ ଭାଗୀଦାରି ଅତ୍ୟାବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଅଭିଯୋଗ ଶୁଣାଣି ସକାଳ ୭ଟା ସମୟରେ ଆରମ୍ଭ ହେବାର ଉଲେଖ ରହିଛି। କିନ୍ତୁ ବହୁ ବିଳମ୍ବରେ ଆରମ୍ଭ ହୋଇଥିବାରୁ ଅଭିଯୋଗକାରୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଗମନାଗମନ ସମସ୍ୟା କାରଣରୁ ଅଞ୍ଚଳର ଅନେକ ଲୋକ ଶୁଣାଣିରେ ସାମିଲ ହୋଇପାରିନାହାନ୍ତି। ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ମୁନିନ୍ଦ୍ର ହୋନନାଗ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲାପରିଷଦ ନିର୍ବାହୀ ଅଧିକାରୀ ଦୟାମୟ ପାଢ଼ୀ, ଜିଲ୍ଲା ଶିକ୍ଷା ଅଧିକାରୀ ଡ଼.ମାୟାଧର ସାହୁ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ମାଧବ ନନ୍ଦ ନାୟକ ପାରଳାଖେମୁଣ୍ଡି ଉପସ୍ଥିତ ଥିଲେ। ନୂଆଗଡ଼ ପଞ୍ଚାୟତ ସମିତି ଅଞ୍ଚଳରୁ ସମୁଦାୟ ୩୩ ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ସେଥିରୁ ୨୦ ବ୍ୟକ୍ତିଗତ ଓ ୧୩ ଗ୍ରାମଭିତ୍ତିକ ସମସ୍ୟା ସମ୍ବନ୍ଧୀୟ ଥିଲା। ଅଧିକାଂଶ ଅଭିଯୋଗର ଦ୍ୱରିତ ସମାଧାନ ପାଇଁ ସମ୍ବନ୍ଧିତ ବିଭାଗୀୟ ଅଧିକାରୀଙ୍କୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଏହି ଅବସରରେ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ୮ ଜଣ ଯୋଗ୍ୟ ଲାଭାର୍ଥୀଙ୍କୁ ମଧୁବାବୁ ପେନସନ ଯୋଜନାରେ ସାମିଲ କରାଯାଇଥିଲା। ଜନ ଅଭିଯୋଗ ଶୁଣାଣିରେ ନୂଆଗଡ଼ ପଞ୍ଚାୟତ ସମିତି ଅଧ୍ୟକ୍ଷା ମାଳତୀ ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋକନାଥ ଶବର, ତହସିଲଦାର ମୋନାଲିସା ଆଚାର୍ଜି ସମେତ ବ୍ଲକ୍ ସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ ଏବଂ ଜନପ୍ରତିନିଧି ଉପସ୍ଥିତ ଥିଲେ।

## କାମ କରିବାକୁ ଯାଇଥିଲେ; ହତ୍ୟା କରି ଗଛରେ ଝୁଲାଇ ଦେଲେ

ଦାରିଙ୍ଗବାଡି,୨୭।୪(ସମିସ): ସକାଳୁ ଉଠି ଗାଁରୁ ୧୦ କିଲୋମିଟର ଦୂର ଏକ ଗାଁକୁ କାମ କରିବାକୁ ଯାଇଥିଲେ। ହେଲେ କାମ କରିବାକୁ ଯାଇଥିବା ଲୋକଙ୍କୁ ହତ୍ୟା କରି ଗଛରେ ଝୁଲାଇ ଦେଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ଦାରିଙ୍ଗବାଡି ଥାନା ସିଆଙ୍ଗବାଲି ପଞ୍ଚାୟତ ଅନ୍ତର୍ଗତ କାଜୁରୀବାଦେରି ଗ୍ରାମରୁ ଆସିଛି କିଛି ଏଭଳି ଅଭିଯୋଗ। ଉକ୍ତ ଗ୍ରାମର ଉଜ୍ୱଳ ଦିଗାଲ (୩୦) ସୋମବାର ସକାଳେ ନିଜ ଗାଁ ଠାରୁ ୧୦ କିଲୋମିଟର ଦୂର ହେବ ଦନେକବାଡ଼ି ପଞ୍ଚାୟତ ଅନ୍ତର୍ଗତ ମାଣ୍ଡୁବାଡ଼ି ଗ୍ରାମକୁ କାମ କରିବାକୁ ଯାଇଥିଲେ। ହେଲେ ୧୦ଟା ବେଳେ ମାଣ୍ଡୁବାଡ଼ି ଗ୍ରାମ ନିକଟ ଜଙ୍ଗଲରୁ ଏକ ଗଛରେ ଉଜ୍ୱଳ ଦିଗାଲଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା। ଏହାପରେ ପୁଲିସକୁ ଖବର ଦେଇଥିଲେ ଗ୍ରାମବାସୀ। ଥାନା ଅଧିକାରୀ ସଂଗ୍ରାମ କେଶରୀ ଜେନା ଘଟଣା ସ୍ଥଳରେ ପହଂଚି ଝୁଲନ୍ତା ଶବକୁ ଜବତ କରିବା ସହ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ କରୁଥିବା ଜଣାପଡିଛି। ଉଜ୍ୱଳଙ୍କୁ ହତ୍ୟା କରି ତାଙ୍କରି ଗଞ୍ଜିରେ ହିଁ ଝୁଆଇ ଦିଆଯାଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି।



## କୁଇ ସମାଜର ପଞ୍ଚାୟତସ୍ତରୀୟ ନିର୍ବାଚନ



ଜି.ଉଦୟଗିରି,୨୭।୪(ସମିସ): କୁଇ ସମାଜ ଜି.ଉଦୟଗିରି ଶାଖାର ପଞ୍ଚାୟତ ସ୍ତରୀୟ ନିର୍ବାଚନ ରବିବାର ଲିଙ୍ଗାଗଡ଼ ପଞ୍ଚାୟତ ଉପଶାଖା ପାଇଁ ଅନୁଷ୍ଠିତ ହୋଇଥିଲା। ଉଦ୍ଧବ ପ୍ରଧାନ ଓ ପ୍ରମୋଦ ପ୍ରଧାନଙ୍କ ଉଦ୍ୟମରେ ହୋଇଥିବା ନିର୍ବାଚନରେ ସମାଜର ବହୁ ସଦସ୍ୟ ଅଂଶଗ୍ରହଣ କରିଥିଲେ। ଏଥିରେ ସଭାପତି ଭାବେ ଉଦୟନାଥ ପ୍ରଧାନ, ବ୍ରଜରାଜ ପ୍ରଧାନ ଉପସଭାପତି, ଜିତେନ୍ଦ୍ର ପ୍ରଧାନ ସମ୍ପାଦକ, ଧନଞ୍ଜୟ ପ୍ରଧାନ ସହସମ୍ପାଦକ, ଜୟକୃଷ୍ଣ ମାଲିକ କୋଷାଧ୍ୟକ୍ଷ ଭାବରେ ସହମତି କ୍ରମେ ନିର୍ବାଚିତ ହୋଇଥଲେ। ନିର୍ବାଚନ ପ୍ରକ୍ରିୟା ଶାନ୍ତିପୂର୍ଣ୍ଣ ଓ ସୁସଂଗଠିତ ଭାବେ ସମ୍ପନ୍ନ ହୋଇଥିଲା। ବିଭିନ୍ନ ପଦପାଇଁ ପ୍ରାର୍ଥୀ ମତ ପ୍ରକାଶ କରି ସମାଜର ଉନ୍ନତି ପାଇଁ କାମ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ନିର୍ବାଚନ ମାଧ୍ୟମରେ ନବନିର୍ବାଚିତ ପଦାଧିକାରୀ ସମାଜର ସେବା, ଏକତା ବୃଦ୍ଧି ଓ ସଂସ୍କୃତିର ସୁରକ୍ଷା ନେଇ ଅଗ୍ରଗତି କରିବେ ବୋଲି ଆଶା ପ୍ରକାଶ କରାଯାଇଛି। ସମାଜର ବରିଷ୍ଠ ସଦସ୍ୟ ବସନ୍ତ କୁମାର ପ୍ରଧାନ ଓ ମାଜିରା ପ୍ରଧାନ ନିର୍ବାଚନ ପ୍ରକ୍ରିୟାରେ ସମସ୍ତଙ୍କ ସହଯୋଗ ପାଇଁ ଧନ୍ୟବାଦ ଜଣାଇଥିଲେ।

# ଐତିହାସିକ ରାମଚନ୍ଦ୍ର କୁଆଁ ଏବେ ଆବର୍ଜନା କୁଣ୍ଡ

### ପ୍ରଶାସନିକ ଅବହେଳାରୁ ଜନ ଅସନ୍ତୋଷ



ଟିକାବାଲି,୨୭।୪(ସମିସ)

ଟିକାବାଲି ସହରର ଅନ୍ୟତମ ପ୍ରଧାନ ଜଳଉତ୍ସ ରାମଚନ୍ଦ୍ର କୁଆଁ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ସହରର ଅଧାରୁ ଅଧିକ ଜନସାଧାରଣ ନିଜର ଦୈନନ୍ଦିନ ଶୌଚ ଓ ସ୍ନାନ କାର୍ଯ୍ୟ ପାଇଁ ଏହି କୁଆଁ ଉପରେ ନିର୍ଭର କରୁଥିବା ବେଳେ, ରକ୍ଷଣାବେକ୍ଷଣ ଅଭାବରୁ ଏହା ଏବେ ବ୍ୟବହାର ଅନୁପଯୋଗୀ ହୋଇପଡ଼ିଛି। ବିଶେଷ କରି ଚଳିତ ଗ୍ରୀଷ୍ମ ପ୍ରବାହ ସମୟରେ ଜଳାଭାବ ଦେଖାଦେଇଥିବା ବେଳେ ଏହି ପ୍ରାକୃତିକ ଜଳଉତ୍ସର ଦୂରାବସ୍ଥା ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ମରଣାନ୍ତକ କଷ୍ଟ ସଦୃଶ ହୋଇଛି।

ସୂଚନା ଅନୁଯାୟୀ ଟିକାବାଲି ସହରର ଛତିଝାର, ଖଦାଳସାହି, ପୋଷ୍ଟ ଅଫିସ ସାହି, ବଙ୍ଗଳାସାହି ଏବଂ ଗଣେଶ ବଜାର ସାହି ଭଳି ପ୍ରମୁଖ ଅଞ୍ଚଳର ଶତାଧିକ ପରିବାର ବର୍ଷ ବର୍ଷ ଧରି ରାମଚନ୍ଦ୍ର କୁଆଁକୁ ବ୍ୟବହାର କରି ଆସୁଛନ୍ତି। ଏହି ଅଞ୍ଚଳର ଅଧିକାଂଶ ପରିବାରରେ ବ୍ୟକ୍ତିଗତ ସ୍ନାନାଗାର କିମ୍ବା ପାଇପ୍ ଜଳର ସୁବିଧା ନଥିବାରୁ ଏହି କୁଆଁ ହିଁ ସେମାନଙ୍କର ଏକମାତ୍ର ସାହାରା। ମାତ୍ର ବର୍ତ୍ତମାନ ଏହାର ପାଣି ଦୂଷିତ ହୋଇଯାଇଛି। ଏହି ପାଣିରେ ସ୍ନାନ କରିବା ତ ଦୂରର କଥା, ଏହା ପାଖକୁ ଯିବା ମଧ୍ୟ କଷ୍ଟକର ହୋଇପଡ଼ିଛି ।

ଅଭିଯୋଗ ଅନୁଯାୟୀ, କୁଆଁଟି ଏବେ ପଙ୍କ ଓ ଆବର୍ଜନାରେ ଭର୍ତ୍ତି ହୋଇଯାଇଛି। ପାଣି ଭିତରେ କୁଟାକାଠି ସାଙ୍ଗକୁ ମଦ ବୋତଲ ପଡ଼ି ରହିଥିବା ଦେଖିବାକୁ ମିଳୁଛି । ଦୀର୍ଘ ଦିନ ଧରି ପଙ୍କୋଦ୍ଧାର କରାଯାଇ ନଥିବାରୁ ଜଳ ବିଷାକ୍ତ ହେବା ସହ ଦୁର୍ଗନ୍ଧ ବାହାରୁଛି। ଲୋକେ ଜଳକଷ୍ଟ ଭୋଗୁଥିବାରୁ ଏହି ଦୂଷିତ ଜଳ ବ୍ୟବହାର କରି ଚର୍ମରୋଗର ଆକ୍ରାନ୍ତିତ ହେବା ଭୟରେ ଆତଙ୍କିତ ଅଛନ୍ତି । ଏହି ସମସ୍ୟା ନେଇ ପୂର୍ବରୁ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ଦୁଇ ଥର ମରାମତି କାର୍ଯ୍ୟ କରାଯାଇଥିଲା। ମାତ୍ର ଏହି କାର୍ଯ୍ୟ କେବଳ ଲୋକଦେଖାଣିଆ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଠିକାଦାର କୁଆଁ ଭିତରୁ ପଙ୍କୋଦ୍ଧାର ନକରି କେବଳ ଉପର ଉପରେ କାମ କରି ଅର୍ଥ ହରିଲୁଟ୍ କରିଥିବା ସାଧାରଣରେ ଚର୍ଚ୍ଚା ହେଉଛି । ସଠିକ୍ ଭାବେ ଗଭୀର ପଙ୍କୋଦ୍ଧାର କରାଯାଇଥିଲେ, ଆଜି ଜଳସ୍ତର ବୃଦ୍ଧି ପାଇବା ସହ ଶତାଧିକ ପରିବାର ଉପକୃତ ହୋଇପାରନ୍ତେ ବୋଲି କୁହାଯାଇଛି। ସମ୍ପ୍ରତି ସମସ୍ୟା ଗୁରୁତର ହେବାରୁ ଟିକାବାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଷ୍ଣୁ ଗୋବିନ୍ଦଙ୍କ ସହ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲା। ସେ ଏହି ସମସ୍ୟା ବାବଦରେ ବୁଝିବା ସହ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ହେଲେ ଏହି ପ୍ରତିଶ୍ରୁତି କେବେ କାର୍ଯ୍ୟକାରୀ ହେଉଛି ଏବଂ ଲୋକେ କେବେ ଜଳକଷ୍ଟରୁ ମୁକ୍ତି ପାଉଛନ୍ତି, ତାହା ଏବେ ପ୍ରଶ୍ନ ହୋଇଛି। ସହରର ପ୍ରାଚୀନ ଓ ଜୀବନରେଖା ସଦୃଶ ଏହି ରାମଚନ୍ଦ୍ର କୁଆଁର ପୁନରୁଦ୍ଧାର ପାଇଁ ପ୍ରଶାସନ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନେବାକୁ ଦାବି ହେଉଛି। ତାହା ନହେଲେ ଆଗାମୀ ଦିନରେ ଜଳାଭାବକୁ ନେଇ ଜନ ଆନ୍ଦୋଳନ ତେଜିବା ସମ୍ଭାବନା ରହିଛି ବୋଲି ଅଞ୍ଚଳବାସୀ କହିଛନ୍ତି।

## ଗୋ ସୁରକ୍ଷା ଆଇନ ପ୍ରଣୟନ ଦାବିରେ ବିକ୍ଷୋଭ



କାଶୀନଗର,୨୭।୪(ସମିସ): କାଶୀନଗରରେ ଗୋ ସୁରକ୍ଷା ଆଇନ ପ୍ରଣୟନ ଦାବିରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କାଶୀନଗର ଗୋ ସୁରକ୍ଷା ମଞ୍ଚର ସଦସ୍ୟ ଏକତ୍ର ହୋଇ ଗୋସମ୍ପଦ ସୁରକ୍ଷା ପାଇଁ କଠୋର ଆଇନ ଲାଗୁ କରିବାକୁ ଦାବି କରିଥିଲେ। ବିକ୍ଷୋଭ ସମୟରେ ଉପସ୍ଥିତ ସଦସ୍ୟ ବିଭିନ୍ନ ସ୍ଲୋଗାନ ଦେଇ ସହରରେ ରାଲି ମାଧ୍ୟମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଗୋ ସୁରକ୍ଷା ମଞ୍ଚ କର୍ମୀ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଜମାହୋଇ ଗୋହତ୍ୟା ନିଷେଧ, ଅବୈଧ ଗୋ ବ୍ୟବସାୟ ରୋକିବା ଏବଂ ଗୋ ସମ୍ପଦର ସୁରକ୍ଷା ପାଇଁ ଦାବି ଜଣାଇଥିଲେ। ବିକ୍ଷୋଭ ପରେ ଗୋ ସୁରକ୍ଷା ମଞ୍ଚ ପକ୍ଷରୁ ଏକ ସ୍ମାରକପତ୍ର ତହସିଲଦାରଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ବିକ୍ଷୋଭରେ ବିଜେପି ଯୁବମୋର୍ଚ୍ଚା ସଭାପତି କେ. ବିଜୟ କୁମାର, ଯୁବନେତା ଏମ୍.ପ୍ରବୀଣ କୁମାର, ପି. ମୁରଲୀ, ଶଶିଭୂଷଣ ପଟ୍ଟନାୟକ ଓ ବହୁ ସଂଖ୍ୟକ ଯୁବକ, ବୃଦ୍ଧ, ଓ ସ୍ଥାନୀୟ ନାଗରିକ ଯୋଗ ଦେଇଥିଲେ। ତହସିଲଦାରଙ୍କୁ ସ୍ମାରକପତ୍ର ପ୍ରଦାନ କରି ନିଜମାନଙ୍କ ଦାବି ସରକାର ପର୍ଯ୍ୟନ୍ତ ପହଞ୍ଚାଇବାକୁ ଅନୁରୋଧ କରିଥିଲେ।

**ରାୟଗଡ଼:** ରାୟଗଡ଼ ବ୍ଲକ ସଦର ମହକୁମାରେ ସୋମବାର ଗୋ-ସମ୍ମାନ ଆହ୍ୱାନ ଅଭିଯାନ' ଅନୁଷ୍ଠିତ ହୋଇଯାଇଛି। ଦେଶରେ ଗୋ-ହତ୍ୟା ସମ୍ପୂର୍ଣ୍ଣ ବନ୍ଦ କରିବା ଏବଂ ଗୋ-ମାତାଙ୍କୁ ରାଷ୍ଟ୍ରୀୟ ମାନ୍ୟତା ପ୍ରଦାନ ଦାବିରେ ଏହି ଅଭିଯାନ ପକ୍ଷରୁ ଏକ ଜନଜାଗରଣ ଶୋଭାଯାତ୍ରା କରାଯାଇଥିଲା। ଅଭିଯାନର ଜିଲ୍ଲା ସଭାପତି ଗିନି କୁରୁମା ରେଡି ଓ ସମ୍ପାଦକ ରମେଶ ପାତ୍ରଙ୍କ ନେତୃତ୍ୱରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ପ୍ରଥମେ ଗୋ-ମାତା ଓ ଦାବିପତ୍ରଗୁଡ଼ିକୁ ଶାସ୍ତ୍ରୀୟ ରୀତିରେ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ଶ୍ରଦ୍ଧାଳୁମାନେ ଗୋ-ମାତାଙ୍କୁ ସାଥିରେ ନେଇ ସଂକୀର୍ତ୍ତନ ଓ ଜୟଧ୍ୱନି କରି ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ପଟୁଆରଟି ତହସିଲ କାର୍ଯ୍ୟାଳୟରେ ପହଞ୍ଚିବା ପରେ ସେଠାରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଗୋ-ସେବା ପ୍ରମୁଖ କୃଷ୍ଣ ଚନ୍ଦ୍ର ଭୂୟାଁ, ବ୍ଲକ ପ୍ରଭାରୀ ମନୋରଞ୍ଜନ ବଡ଼ ରଇତ, ହରିଶ୍ଚନ୍ଦ୍ର ବଡ଼ ରଇତ, ସୁବାଷ ଚନ୍ଦ୍ର ଭୂୟାଁ, ପୂର୍ଣ୍ଣଚନ୍ଦ୍ର ଗମାଙ୍ଗ, ରିକି ପଟ୍ଟନାୟକ, ବାବୁ ପାତ୍ର, ରାଜୁ ଆଚାରୀ, କାଶୀନାଥ ଆଚାରୀ, ଚନ୍ଦ୍ର ଶେଖର ମଲିକ ଓ ରବି ଦଳାଇଙ୍କ ସମେତ ଶତାଧିକ ପୁରୁଷ ଓ ମହିଳା ସାମିଲ ହୋଇଥିଲେ।

### ଗୋ-ସମ୍ମାନ ଆହ୍ୱାନ ଅଭିଯାନ

## ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ



ପାରଳାଖେମୁଣ୍ଡି,୨୭।୪(ସମିସ):

ଗୋ ବଂଶର ସଂରକ୍ଷଣ, ବିକାଶ ଏବଂ ହତ୍ୟାକୁ ସମ୍ପୂର୍ଣ୍ଣ ନିଷେଧ ପାଇଁ କଠୋର ଆଇନ ପ୍ରଣୟନ ସମ୍ପର୍କରେ ଗୋ-ସମ୍ମାନ ଆହ୍ୱାନ ଅଭିଯାନ ପରିପ୍ରେକ୍ଷୀରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପାରଳାଖେମୁଣ୍ଡି ତହସିଲଦାରଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ପାରଳାଖେମୁଣ୍ଡି ସ୍ଥିତ ଗୁଣ୍ଡିଚାବାଡି ପରିସରରୁ ଗୋ ମାତାଙ୍କୁ ଧରି ଶୋଭାଯାତ୍ରା ଆୟୋଜନ ହୋଇଥିଲା। ଶୋଭାଯାତ୍ରା ନଗରପରିକ୍ରମା କରି ତହସିଲ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଆମର ସାଂସ୍କୃତିକ ଐତିହ୍ୟର ପାଳନ ସର୍ବଦା ପ୍ରକୃତି ଏବଂ ଗାଇ ବଂଶର ସାନ୍ନିଧ୍ୟରେ ପ୍ରସ୍ଫୁଟିତ ହୋଇଛି। ଉତ୍କଳ ସଂସ୍କୃତି ଏବଂ ଏଠାକାର ଲୋକଙ୍କ ଆଧାକିକ ଜୀବନର କଳ୍ପନା ଗୋ-ମାତାର ସମ୍ମାନ, ଯତ୍ନ ଏବଂ ସୁରକ୍ଷା ବିନା ଅସମ୍ପୂର୍ଣ୍ଣ। ବର୍ତ୍ତମାନ ଏକ ସର୍ଭେକ୍ଷଣରେ ଜଣାପଡିଛି ସ୍ୱାଧୀନତା ସମୟରେ ପ୍ରତି ବ୍ୟକ୍ତି ପାଇଁ ୧୦ ଗାଇ ଥିବା ବେଳେ ଚିନ୍ତାଜନକ ସ୍ତରରେ ହ୍ରାସ ପାଇଛି। ଏବେ ୧୦ ଜଣଙ୍କ ପାଇଁ ୧ଟି ଗାଇ ରହିଛି। ସ୍ୱଦେଶୀ ଗାଇ ବଂଶ ବିଲୁପ୍ତ ହେବାକୁ ବସିଛି। ଯାହାର ଫଳସ୍ୱରୂପ କେବଳ ଆମର ଗ୍ରାମୀଣ ଅର୍ଥନୀତି ନୁହେଁ ବରଂ ଭାରତର ମୌଳିକ ଗଣତାନ୍ତ୍ରିକ ଏବଂ ସାଂସ୍କୃତିକ ମୂଳ ମଧ୍ୟ ଦୁର୍ବଳ ହେଉଛି। ବର୍ତ୍ତମାନ, ଗୋ ଚାଲାଣ, କଂସେଇଖାନାରେ ନିର୍ମମ ହତ୍ୟା, ରାସ୍ତାରେ ଦୁର୍ଘଟଣା ବୃଦ୍ଧି ଏବଂ ସହରାଞ୍ଚଳରେ ପଲିଥିନ୍ ବ୍ୟବହାର ଯୋଗୁଁ, ପ୍ରତିଦିନ ଲକ୍ଷ ଲକ୍ଷ ଗାଇ ମୃତ୍ୟୁ ମୁଖରେ ପଡୁଛନ୍ତି। ଗାଈର ବିଲୁପ୍ତ ଅବସ୍ଥାକୁ ଦେଖି ସମନ୍ୱିତ କେନ୍ଦ୍ରୀୟ ଆଇନ ଏବଂ ସ୍ୱାଧୀନ ମନ୍ତ୍ରଣାଳୟ ସ୍ଥାପନ କରିବା, ସାମ୍ବିଧାନିକ ସର୍ବୋଚ୍ଚତା ବ୍ୟବସ୍ଥା, ଗୋଚାଲାଣ ଏବଂ ଗୋହତ୍ୟାକୁ ନେଇ କଠୋର ଦଣ୍ଡ ବ୍ୟବସ୍ଥା, ଆର୍ଥିକ ଆଥନିର୍ଭରଶୀଳତା ଅବଲମ୍ବନ, ତ୍ୱରିତ ଭିତ୍ତିଭୂମି ବିକାଶ, ରାଜପଥ ସୁରକ୍ଷା ଏବଂ ଚିକିତ୍ସା ସେବା ବ୍ୟବସ୍ଥା, ଗୋବିଜ୍ଞାନକୁ ନେଇ ସ୍କୁଲ ପାଠ୍ୟକ୍ରମରେ ଏକ ବାଧ୍ୟତାମୂଳକ ବିଷୟ ଅନ୍ତର୍ଭୁକ୍ତ କରିବା, ସମନ୍ୱିତ ଚାରା ଏବଂ ଚରାଭୂମି ସୁରକ୍ଷା ନୀତି ଆଦି ପଦକ୍ଷେପ ନିଆଗଲେ ଗୋମାତାର ସୁରକ୍ଷା ହୋଇପାରିବ ବୋଲି ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ସ୍ମାରକପତ୍ର ଅତିରିକ୍ତ ତହସିଲଦାର ବି.ଆଲିୟାରେଟ୍ଟିଙ୍କୁ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଦେବୀ ମଠର ମହନ୍ତ ରାମାନନ୍ଦ ଦାସଜୀ ଲୋକନାଥ ମିଶ୍ର, ଜି.କୁର୍ମା ରେଡ୍ଡି, ମନୋଜ କୁମାର ଦାସ, ଓ କୈଳାସ ପଟ୍ଟନାୟକଙ୍କ ସମେତ ବହୁ ଗୋ ରକ୍ଷକ ଉପସ୍ଥିତ ଥିଲେ ।

## ପୋଲିସ୍ ପକ୍ଷରୁ ଦୁଇ ଚୋରା ବାଲି ଚାଲାଣ ଟିପ୍ପର ଅଟକ

ପାରଳାଖେମୁଣ୍ଡି, ୨୭।୪ (ସମିସ) : ଗଜପତି ଜିଲ୍ଲାରେ ଚୋରାବାଲିଚାଲାଣ ବ୍ୟାପକ ମାତ୍ରାରେ ବଢି ଚାଲିଛି। ଯାହାକୁ ଦୃଷ୍ଟିରେ ରଖି ଉଭୟ ପୋଲିସ ଓ ଖଣି ବିଭାଗ ନୈଦିନ ଚଢାଉ ଜାରି ରଖିଛନ୍ତି। ତେବେ ଆଜି ପାରଳାଖେମୁଣ୍ଡି ସହରର ରାଣୀପେଣ୍ଠ ଅଞ୍ଚଳରେ ଦୁଇଟି ଟିପ୍ପରରେ ଚୋରା ବାଲି ଚାଲାଣ କରି ନେଉଥିବା ବେଳେ ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ ଭୂପତିଙ୍କ ନିର୍ଦ୍ଦେଶ କ୍ରମେ ଏସ୍ଆଇ ବଳରାମ ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଚଢାଉ କରିଥିଲେ। ତଦନ୍ତ ସମୟରେ ଉଭୟ ଟିପ୍ପର ଠାରୁ ବାଲିଚାଲଣ ସମ୍ବନ୍ଧିୟ କୌଣସି ଦସ୍ତାବେଜ ନଥିବାରୁ ଏହା ବେନିୟମ ଭାବେ ଚାଲାଣ ହେଉଥିବାର ପୋଲିସ ଜାଣିବାକୁ ପାଇଥିଲା। ଏହାପରେ ଉଭୟ ଟିପ୍ପରକୁ ଥାନାକୁ ନେଇ ଅଟକ ରଖିଥିବାର ଜଣାଯାଇଛି। ଏହି ଟିପ୍ପର ଗୁଡିକ ଆନ୍ଧ୍ର ପରିବହନ ବିଭାଗରେ ପଞ୍ଜିକୃତ ହୋଇଥିବା ବେଳେ ଏହା ଆନ୍ଧ୍ରରୁ ଚୋରାରେ ବାଲିଚାଲାଣ କରି ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଅନ୍ତର୍ଗତ ବୋମିକା ଗ୍ରାମାଞ୍ଚଳକୁ ନେଉଥିବାର ତଦନ୍ତ ବେଳେ ଜଣାପଡିଛି।

## ରାଜ୍ୟସ୍ତରୀୟ କରାଟେ ପ୍ରତିଯୋଗିତାରେ ସାନଭି ସାଧନା ପ୍ରଧାନଙ୍କୁ ସ୍ୱର୍ଣ୍ଣ




ଟିକାବାଲି,୨୭।୪(ସମିସ): ଉତ୍କଳ କରାଟେ ସ୍କୁଲ ପରିସରରେ ଅନୁଷ୍ଠିତ ୩୮ତମ ରାଜ୍ୟସ୍ତରୀୟ ଉପକନିଷ୍ଠ କରାଟେ ଚାମ୍ପିଅନସିପ୍‌ରେ ସାନଭି ସାଧନା ପ୍ରଧାନ ଚମତ୍କାର ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହି ସଫଳତା ପାଇଁ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି। କରାଟେ ଇଣ୍ଡିଆ ଅର୍ଗାନାଇଜେସନ ଏବଂ ଓଡ଼ିଶା କରାଟେ-ଡୋ ଆସୋସିଏସନ ପକ୍ଷରୁ ଆୟୋଜିତ ତିନି ଦିନିଆ ପ୍ରତିଯୋଗିତା ଏପ୍ରିଲ ୨୪ ରୁ ୨୬ ତାରିଖ ପର୍ଯ୍ୟନ୍ତ ହୋଇଥିଲା। ଏଥିରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଶତାଧିକ କ୍ରୀଡ଼ାବିତ ଅଂଶଗ୍ରହଣ କରିଥିଲେ। ସାନଭି ନିଜର ଶୃଙ୍ଖଳିତ କ୍ରୀଡ଼ାଶୈଳୀ ଓ କୌଶଳ ପ୍ରଦର୍ଶନ କରି ନିଜ ବର୍ଗରେ ଶୀର୍ଷ ସ୍ଥାନ ଅଧିକାର କରିଥିଲେ। ଓଡ଼ିଶା ଅଲିମ୍ପିକ ଆସୋସିଏସନ ସହିତ ଅନୁବନ୍ଧିତ ଏହି ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତି ସାନଭି କେବଳ ନିଜ ପରିବାର ନୁହେଁ, ବରଂ ନିଜ ଅଞ୍ଚଳ ପାଇଁ ମଧ୍ୟ ଗୌରବ ଆଣିଛନ୍ତି। ତାଙ୍କର ଏହି କୃତିତ୍ୱ ଆଗାମୀ ଦିନରେ ଅନ୍ୟ ଶିଶୁ ପ୍ରତିଭାମାନଙ୍କୁ କ୍ରୀଡ଼ା କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ପ୍ରେରଣା ଯୋଗାଇବ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି।

## ବିଜେପିର ଲୋକ ସମ୍ପର୍କ ଅଭିଯାନ

ରାଇକିଆ,୨୭।୪(ସମିସ): ରାଇକିଆ ବ୍ଲକ୍ ବିଜେପି ତରଫରୁ ୱାର୍ଡସ୍ତରରେ ସିଧାସଳଖ ଲୋକଙ୍କ ସହ ଭେଟିବା, ବିଭିନ୍ନ ଆବଶ୍ୟକତା ଏବଂ ସମସ୍ୟାର ସମାଧାନକୁ ନେଇ ଆଲୋଚନା କରିବା ଭଳି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ପ୍ରତ୍ୟେକ ୱାର୍ଡରେ ଚାଏ ପେ ଚର୍ଚ୍ଚା ନାମରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ରହି ଦଳ ମତ ନିର୍ବିଶେଷରେ ସେଠାକାର ଜନ ସାଧାରଣଙ୍କ ସହ ବୈଠକ କରିବା ସହ ଆଲୋଚନା ମାଧ୍ୟମରେ ଉନ୍ନୟନମୂଳକ କାର୍ଯ୍ୟ କରିବା ପାଇଁ ପ୍ରୟାସ କରାଯାଉଛି। ଏଥି ସହ ସରକାରଙ୍କ ବିଭିନ୍ନ ଯୋଜନା ତୃଣମୂଳ ସ୍ତରରେ କିପରି କାର୍ଯ୍ୟକାରୀ ହେଉଛି ଏବଂ ଏହାର ସୁବିଧା ହିତାଧିକାରୀ କିପରି ପାଉଛନ୍ତି ସେ ନେଇ ଆଲୋଚନା କରାଯାଉଥିବା ଏମପି ପ୍ରତିନିଧି ତଥା ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସନ୍ତୋଷ କୁମାର ଲେଙ୍କା କହିଛନ୍ତି ।

# ଟିକାବାଲିରେ ହସୁଛି ସବୁଜ କ୍ଷେତ

### ● ସରକାରୀ ସହାୟତା ଅଭାବରୁ ଚାଷୀଙ୍କ ମନରେ କ୍ଷୋଭ

### ● ଗ୍ରୀଷ୍ମରେ ରବି ଧାନର ମନୋରମ ଦୃଶ୍ୟ





ଟିକାବାଲି,୨୭।୪(ସମିସ)

ଟିକାବାଲି ବ୍ଲକ୍ ଗୁଟିଙ୍ଗିଆ ପଞ୍ଚାୟତରେ ଦେଖିବାକୁ ମିଳିଛି ପ୍ରକୃତିର ଏକ ନିଆରା ଚିତ୍ର। ଚାରିଆଡ଼େ ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ଖରା ଜାରି ରହିଥିବା ବେଳେ ଗୁଟିଙ୍ଗିଆ, ମଲିକପଡ଼ା, ଜାଲାଙ୍ଗିଆ, କେଲାଙ୍ଗିଆ ଓ ଗୁମାଗଡ଼ ଅଞ୍ଚଳର କ୍ଷେତ ଏବେ ସବୁଜିମାରେ ଭରିଯାଇଛି। ଖରାଦିନିଆ ରବି ଧାନ ଚାଷ ଯୋଗୁଁ ଏହି ଅଞ୍ଚଳର ଦୃଶ୍ୟ ଯେକୌଣସି ପଥଚାରୀଙ୍କୁ ମୋହିତ କରିବା ପାଇଁ ଯଥେଷ୍ଟ। କିନ୍ତୁ ଏହି ମନୋରମ ଦୃଶ୍ୟ ପଛରେ ଲୁଚି ରହିଛି ଚାଷୀଙ୍କ ଅକୁହା କାହାଣୀ ଓ ସରକାରୀ ଅବହେଳାର ଏକ ନଗ୍ନ ଚିତ୍ର। ପ୍ରକୃତିର କୋଳରେ ଥିବା ଏହି ଗାଁଗୁଡ଼ିକରେ ବର୍ତ୍ତମାନ ଧାନ କ୍ଷେତରେ ଲହରି ଖେଳୁଛି ସବୁଜିମା। ପାହାଡ଼ ପାଦଦେଶରେ ଏହି ସବୁଜ ଗାଲିଚା ସଦୃଶ କ୍ଷେତ ଅଞ୍ଚଳକୁ ଏକ ଶୀତଳ ଅନୁଭୂତି ଦେଉଛି।

ସ୍ଥାନୀୟ ଚାଷୀଙ୍କ କହିବା ଅନୁଯାୟୀ, ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଚାଷର ପରିମାଣ ସାମାନ୍ୟ କମିଥିଲେ ହେଁ, ଖରାଟିଆ ଧାନ ଫସଲ ବେଶ୍ ସୁନ୍ଦର ଭାବେ ବଢ଼ିଛି। ଚଳିତ ବର୍ଷ ଅହେତୁକ ଗ୍ରୀଷ୍ମ ଯୋଗୁଁ ଅନ୍ୟ କୌଣସି ଫସଲ ସେଭଳି ଆଖିଦୃଶିଆ ହୋଇନଥିବା ବେଳେ ଏହି ଧାନ ଚାଷ ହିଁ ଚାଷୀଙ୍କ ଏକମାତ୍ର ଭରସା ପାଲଟିଛି। ଯେଉଁଠି ପାଣିର ଅଭାବ ଓ ପ୍ରଖର ସୂର୍ଯ୍ୟକିରଣରେ ଘାସ ମଧ୍ୟ ଜଳିଯାଉଛି, ସେଠାରେ ଚାଷୀଙ୍କ ପରିଶ୍ରମରେ ଶହ ଶହ ଏକର ଜମି ସବୁଜ ଦେଖାଦେବା କୌଣସି ଚମତ୍କାରଠାରୁ କମ୍ ନୁହେଁ। ଏତେ ବଡ଼ ଅଞ୍ଚଳରେ ଚାଷୀ ନିଜ ପ୍ରଚେଷ୍ଟାରେ ରବି ଚାଷ କରିଥିଲେ ହେଁ ସରକାରୀ ସୁବିଧା ସୁଯୋଗ ଏଠାରେ ଶୂନ ବୋଲି ଅଭିଯୋଗ ହୋଇଛି।

ଚାଷୀଙ୍କ ଅଭିଯୋଗ ଅନୁଯାୟୀ, ରବି ଫସଲ ପାଇଁ ଆବଶ୍ୟକ ହେଉଥିବା ଉନ୍ନତମାନର ହାଇବ୍ରିଡ୍ ବିହନ, ରିହାତି ଦରରେ ସାର ଏବଂ କୀଟନାଶକ ଔଷଧ ଭଳି ମୌଳିକ ସୁବିଧା ସରକାର କିମ୍ବା କୃଷି ବିଭାଗ ପକ୍ଷରୁ ଯୋଗାଇ ଦିଆଯାଉ ନାହିଁ। ବଜାରରେ ବିହନ ଓ ସାରର ଦର ଆକାଶଛୁଆଁ ହୋଇଥିବା ବେଳେ ଚାଷୀ ବାଧ୍ୟ ହୋଇ ଋଣ କରି କିମ୍ବା ନିଜେ ଟଙ୍କା ଖର୍ଚ୍ଚ କରି ସବୁ କିଛି କିଣୁଛନ୍ତି। "ଆମେ ନିଜ ହାତରୁ ଖର୍ଚ୍ଚ କରି ଚାଷ କରୁଛୁ, ସରକାରୀ କର୍ମଚାରୀ କିମ୍ବା ଅଫିସରଙ୍କ ଦେଖା ନାହିଁ' ବୋଲି ଜଣେ ସ୍ଥାନୀୟ ଚାଷୀ କ୍ଷୋଭର ସହ କହିଛନ୍ତି।

କୃଷି ବିଜ୍ଞାନୀଙ୍କ ମତରେ ଖରିଫ ଅପେକ୍ଷା ରବି ଫସଲ ସମୟରେ ରୋଗପୋକର ପ୍ରାଦୁର୍ଭାବ କମ୍ ରହୁଥିବାରୁ ଏବଂ ପାଗ ଅନୁକୂଳ ରହୁଥିବାରୁ ଅଧିକ ଅମଳ ହୋଇଥାଏ। ଟିକାବାଲିର ଏହି ଅଞ୍ଚଳରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଛି। ଯଦି ସରକାର ଏହି ଅଞ୍ଚଳ ପାଇଁ ସ୍ୱତନ୍ତ୍ର ଜଳସେଚନ ବ୍ୟବସ୍ଥା ବା ପ୍ରୋତ୍ସାହନ ପ୍ୟାକେଜ୍ ଘୋଷଣା କଲେ ଚାଷୀମାନେ କେବଳ ଧାନ ନୁହେଁ, ବରଂ ଗହମ, ଡାଲି ଜାତୀୟ ଫସଲ ଓ ଲାଭଦାୟକ ପନିପରିବା ଚାଷ କରି ନିଜର ଆର୍ଥିକ ମାନଦଣ୍ଡରେ ବ୍ୟାପକ ସୁଧାର ଆଣିପାରନ୍ତେ ବୋଲି କୁହାଯାଇଛି। ସରକାରୀ ପ୍ରୋତ୍ସାହନ ଅଭାବରୁ ଚାଷୀ ଅନେକ ସମୟରେ ଅନ୍ୟ ଫସଲ କରିବାକୁ ସାହସ ଜୁଟାଇ ପାରୁନାହାନ୍ତି।ଏହି ଅଞ୍ଚଳର କୃଷିଭିତ୍ତିକ ସମସ୍ୟାର ସ୍ଥାୟୀ ସମାଧାନ କରିବା ସହ ଚାଷୀଙ୍କୁ ଆଧୁନିକ ପ୍ରଣାଳୀରେ ଚାଷ କରିବାକୁ ପ୍ରୋତ୍ସାହିତ କରିବା ପାଇଁ ସ୍ଥାନୀୟ ଜନସାଧାରଣ ଓ ଚାଷୀ ସଂଘ ଦାବି କରିଛନ୍ତି। ବିଶେଷ କରି ଚାଷୀଙ୍କ ପାଖରେ ଠିକ୍ ସମୟରେ ବିହନ ଓ ସାର ପହଞ୍ଚାଇବା ଏବଂ କୃଷି ଅଧିକାରୀ କ୍ଷେତ ପରିଦର୍ଶନ କରି ଚାଷୀଙ୍କୁ ପରାମର୍ଶ ଦେବାକୁ ଜିଲ୍ଲା ପ୍ରଶାସନ ତଥା କୃଷି ବିଭାଗ ନିକଟରେ ଅନୁରୋଧ କରାଯାଇଛି। ଯଦି ଉପଯୁକ୍ତ ସାହାଯ୍ୟ ମିଳେ, ତେବେ ଟିକାବାଲି ବ୍ଲକର ଏହି ଅଞ୍ଚଳ ସାରା ଜିଲ୍ଲା ପାଇଁ ଏକ କୃଷି ହବ୍ ଭାବେ ଉଭା ହୋଇପାରିବ ବୋଲି କୁହାଯାଇଛି।

● ମଣିଷ-ବନ୍ୟପ୍ରାଣୀ ସଂଘର୍ଷ

## ମୃତବ୍ୟକ୍ତିଙ୍କୁ ସହାୟତା ସଂକ୍ରାନ୍ତ ଆଇନ ସଚେତନତା ଶିବିର



ପାରଳାଖେମୁଣ୍ଡି,୨୭।୪(ସମିସ): ମଣିଷ ଓ ବନ୍ୟଜନ୍ତୁ ସଂଘର୍ଷରେ ମୃତ ବ୍ୟକ୍ତିଙ୍କ ପରିବାରର ସଦସ୍ୟଙ୍କୁ କିପରି ସରକାରୀ ସାହାଯ୍ୟ ମିଳିପାରିବ ତଥା ସେମାନେ କିପରି ପୁଣି ଆଗକୁ ବଢ଼ି ପାରିବେ ସେ ସମ୍ପର୍କରେ ସଚେତନ କରିବା ପାଇଁ ଆଜି ଗୁମ୍ମା ପଞ୍ଚାୟତ କାର୍ଯ୍ୟାଳୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଜଜ ଜଗଦୀଶ ପ୍ରସାଦ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଆଇନ ସଚେତନତା ଶିବିର ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ବିମଳ ରାଉଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଶ୍ରୀ ରାଉଳ ଉପସ୍ଥିତ ଜନସାଧାରଣଙ୍କୁ ବାଲ୍ୟ ବିବାହ ନିରୋଧ ଆଇନ, ପୋସ୍କୋ ଆଇନ, ବନ୍ୟଜନ୍ତୁ ସଂରକ୍ଷଣ ଆଇନ ତଥା ଅନ୍ୟ ଆଇନ ସମ୍ପର୍କରେ ସଚେତନ କରିଥିଲେ। ଏଥିରେ ନିମନ୍ତ୍ରିତ ଅତିଥି ଭାବେ ଜିଲ୍ଲା ନ୍ୟାୟାଳୟର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ମଣିଷ ବନ୍ୟପ୍ରାଣୀ ସଂଘର୍ଷ ପିଡିତଙ୍କ ପାଇଁ ରହିଥିବା ସରକାରୀ କ୍ଷତିପୂରଣ ବ୍ୟବସ୍ଥା ଓ ସାଇବର କ୍ରାଇମ ରୋକିବା ନେଇ ରହିଥିବା ବିଭିନ୍ନ ଆଇନ ଉପରେ ସମସ୍ତଙ୍କୁ ସୂଚନା ଦେଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମ ପାରା ଲିଗାଲ ସ୍ୱେଚ୍ଛାସେବୀ ଶଶୀରେଖା ବିଷୋୟୀ, ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମଚାରୀ ତଥା ଗୁମ୍ମା ପଞ୍ଚାୟତର ମିଳିତ ସହଯୋଗରେ ହୋଇଥିଲା। ଶେଷରେ ସ୍ଥାନୀୟ ସରପଞ୍ଚ ପିତାମଣିରାଇତଧନ୍ୟବାଦଅର୍ପଣକରିଥିଲେ।

